ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

## ପାଠ୍ୟକ୍ରମ -୩
## ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ

ବ୍ଲକ୍

# ୨ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ (ପାଠ)

ପ୍ରଥମ ଏକକ

**ପୀତାମ୍ବର ଦାସ-ନୃସିଂହ ପୁରାଣ - ୧ମ ରତ୍ନାକର**

**ଦ୍ୱିତୀୟ ଏକକ**

**ଯଶୋବନ୍ତ ଦାସ - ପ୍ରେମଭକ୍ତି ବ୍ରହ୍ମଗୀତା**

ତୃତୀୟ ଏକକ

**ଶିଶୁ ଅନନ୍ତ ଦାସ - ହେତୁ ଉଦୟ ଭାଗବତ**

ଚତୁର୍ଥ ଏକକ

**ମାଧବୀ ଦାସୀ - ଜଗୁ ଜୀବନ ଶ୍ରୀହରି**

# ବିଶେଷଜ୍ଞ ପରିଷଦ

| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର। |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟା | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର। |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା। |
| **ଡକ୍ଟର ଅନାଦି ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର। |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା। |

ଲେଖକ

| | |
|---|---|
| **ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା** | ଅବସରପ୍ରାପ୍ତ, ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର। |

## *ପ୍ରକାଶକ*

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2019. **Madhya Jugiya Odia Sahitya** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ: ପୀତାମ୍ବର ଦାସ-ନୃସିଂହ ପୁରାଣ - ୧ମ ରତ୍ନାକର

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ପୀତାମ୍ବରଙ୍କ ନୃସିଂହ ପୁରାଣ

୧.୫ ନୃସିଂହ ପୁରାଣ ପାଠ

୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୭ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଏହି ଏକକଟି ପାଠ କରିବା ଦ୍ୱାରା ବିଦ୍ୟାର୍ଥୀଗଣ ଓଡ଼ିଆ ପୁରାଣ ସାହିତ୍ୟ ଓ ଏଥିରେ ପୀତାମ୍ବର ଦାସଙ୍କ ସ୍ଥାନ ସମ୍ପର୍କରେ ଅବହିତ ହୋଇପାରିବେ।

- ଓଡ଼ିଆ ପଞ୍ଚପୁରାଣର ଗୁରୁତ୍ୱ ଉପଲବ୍ଧି କରିପାରିବେ।
- ପୁରାଣ ପରମ୍ପରା କିପରି ଓଡ଼ିଶାର ଧର୍ମ- ସମାଜ- ସାହିତ୍ୟକୁ ଧାରଣ କରି ସମାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିଲା ସେ ବିଷୟରେ ଅବହିତ ହେବେ।
- ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରସାର ସହିତ ନୃସିଂହ ଉପାସନାର ଐତିହ୍ୟ ସମ୍ପର୍କରେ ଅବହିତ ହୋଇପାରିବେ।
- ନୃସିଂହ ପୁରାଣର ମୌଳିକତା ସମ୍ପର୍କରେ ଜାଣିପାରିବେ।

## ୧.୨ ଶିକ୍ଷଣୀୟ ବିଷୟ

- ଓଡ଼ିଆ ପୁରାଣ ସାହିତ୍ୟର ଆଙ୍ଗିକ ଓ ଆତ୍ମିକଧାରା
- ପୁରାଣ ପରମ୍ପରାରେ ନୃସିଂହ ପୁରାଣ
- ବିପ୍ର ପୀତାମ୍ବର ଦାସଙ୍କ ସମୟ ଓ ସୃଷ୍ଟି
- ନୃସିଂହ ପୁରାଣର ବିଭିନ୍ନ ବିଭାଗ ଓ କଥାକ୍ରମ
- ପ୍ରଥମ ରତ୍ନାକରରେ ଥିବା କଥାବସ୍ତୁ

## ୧.୩ ବିଷୟ ପ୍ରବେଶ

ଓଡ଼ିଆ ସାହିତ୍ୟର ସମୃଦ୍ଧ ଲିଖିତ ରୂପ ଆରମ୍ଭ ହୋଇଥିଲା ପୁରାଣ ସାହିତ୍ୟରୁ । କେଉଁ ଆବହମାନ କାଳରୁ ଭାରତବର୍ଷର ପୂର୍ବ ସମୁଦ୍ରକୂଳରେ ବସବାସ କରି ଆସୁଥିବା ଏକ ସୁପ୍ରାଚୀନ ଜାତିର ଥିବା ସ୍ୱତନ୍ତ୍ର କଥିତ ଭାଷା (ଯାହା ବେଦ / ପୁରାଣ / ସଂସ୍କୃତ ଗ୍ରନ୍ଥମାନଙ୍କର ଓଡ୍ର ଓ ନାଟ୍ୟଶାସ୍ତ୍ରରେ ବିଭାଷା ନାମରେ କଥିତ) ପଞ୍ଚଦଶ ଶତାବ୍ଦୀରେ ଲିଖିତ ରୂପରେ ଆତ୍ମପ୍ରକାଶ କଲା ସାରଳା ଦାସଙ୍କ 'ମହାଭାରତ' ଆକାରରେ । ଏଥିପାଇଁ ସମଗ୍ର ଓଡ଼ିଆ ଜାତି ମାଟିର ମହାକବି ସାରଳା ଦାସଙ୍କ ନିକଟରେ ଯୁଗ ଯୁଗ ଲାଗି କୃତଜ୍ଞ ରହିବ । ସାରଳା ଦାସ 'ବିଚିତ୍ର ରାମାୟଣ', 'ଚଣ୍ଡୀପୁରାଣ' ଓ 'ମହାଭାରତ' ରଚନା କରିଥିଲେ । ଏଥିରୁ ତାଙ୍କର ମହାଭାରତ ସର୍ବଶ୍ରେଷ୍ଠ । ମୂଳ ସଂସ୍କୃତ ମହାଭାରତର କଥା ଉପରେ ରଚିତ ଏହା ଏକ ସମ୍ପୂର୍ଣ୍ଣ ନୂତନ ଗ୍ରନ୍ଥ । ସଂସ୍କୃତ ସାହିତ୍ୟରେ ମହାଭାରତକୁ ଇତିହାସ ଶ୍ରେଣୀଭୁକ୍ତ କରାଯାଇଛି । ବେଦ-ଉପନିଷଦ ଭାରତୀୟ ବିଦ୍ୟାର ଜ୍ଞାନଗ୍ରନ୍ଥ । ଏହା ପଣ୍ଡିତମାନଙ୍କର ଅଧିତବ୍ୟ ବିଷୟ । ସାଧାରଣ ଜନତା, ସ୍ତ୍ରୀ, ଶୂଦ୍ରାଦି ଏହାକୁ ପଢିପାରୁ ନଥିଲେ କିମ୍ବା ପଢିଲେ ବି ବୁଝି ପାରୁ ନଥିଲେ । କୁହାଯାଇଛି ସାଧାରଣ ଜନତାରୂପୀ ବୃହତ୍ତର ସମ୍ପ୍ରଦାୟ ଲାଗି ଭଗବାନ ବେଦ-ବ୍ୟାସ ରଚନା କଲେ ଅଷ୍ଟାଦଶ ପୁରାଣ ଓ ଅଷ୍ଟାଦଶ ଉପପୁରାଣ ଭାରତୀୟ ସାଧନାରେ ଆବିଷ୍କୃତ ନାନା ଜଟିଳ ତତ୍ତ୍ୱ, ଦର୍ଶନ ଓ ବିଜ୍ଞାନକୁ ଏଇ ପୁରାଣମାନଙ୍କ ସହାୟତାରେ କାହାଣୀ ମାଧ୍ୟମରେ ସହଜ ଓ ସରଳ ଭାଷାରେ ବୁଝାଇ ଦିଆଗଲା । ପ୍ରାଦେଶିକ ଭାଷାମାନଙ୍କର ବିକାଶ ହେବା ସଙ୍ଗେସଙ୍ଗେ ସେଇ ପୁରାଣଗୁଡ଼ିକର ହିଁ ପ୍ରଥମେ ରଚନା ଆରମ୍ଭ ହେଲା ।

ଏହି କ୍ରମରେ ସାରଳା ଦାସ ପ୍ରଥମେ ମହାଭାରତ ରଚନା କଲେ । ମହାଭାରତ ସଂସ୍କୃତ ସାହିତ୍ୟରେ ଇତିହାସ ଗ୍ରନ୍ଥ ହୋଇ ମଧ୍ୟ ଓଡ଼ିଆରେ ପୁରାଣ ଭାବରେ ସ୍ୱୀକୃତ । ସାରଳାଙ୍କ ପରେ ବଳରାମ ଦାସ ରାମାୟଣ ରଚନା କଲେ । ରାମାୟଣକୁ ସଂସ୍କୃତରେ କାବ୍ୟ କୁହାଯାଏ । ଓଡ଼ିଆରେ ତାହା ମଧ୍ୟ ପୁରାଣ ରୂପେ ପରିଗଣିତ । ତୃତୀୟ ଓଡ଼ିଆ ପୁରାଣ ହେଲା ଭାଗବତ । ଜଗନ୍ନାଥ ଦାସ ଭାଗବତର ସରଳ ଓଡ଼ିଆ ଅନୁବାଦ କରିଛନ୍ତି । ଏହି ତିନି ପୁରାଣପରେ ଚତୁର୍ଥ ଓଡ଼ିଆ ପୁରାଣ ହେଉଛି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ । ସଂସ୍କୃତରେ ହରିବଂଶ ମହାଭାରତର ଖିଳ ପର୍ବ ଭାବରେ ଗୃହୀତ । କୃଷ୍ଣ ଚରିତର ଜନ୍ମ, ବିକାଶ, ପ୍ରକାଶ ଓ ପ୍ରୟାଣ ଏହାର କଥାବସ୍ତୁ । ଏହି ପ୍ରସଙ୍ଗକୁ ଆଧାର କରି ଅଚ୍ୟୁତାନନ୍ଦ ସାତଖଣ୍ଡିଆ ହରିବଂଶ ପୁରାଣ ରଚନା କରିଛନ୍ତି ଓଡ଼ିଆ ସାହିତ୍ୟର ପଞ୍ଚମ ପ୍ରସିଦ୍ଧ ପୁରାଣ ନୃସିଂହ ପୁରାଣ ।

## ୧.୪ ପୀତାମ୍ବରଙ୍କ ନୃସିଂହ ପୁରାଣ

ନୃସିଂହ ପୁରାଣର ରଚୟିତା ପୀତାମ୍ବର ଦାସ । ଏହା ସାତଗୋଟି ରତ୍ନାକର / ସାଗରରେ ବିଭକ୍ତ । ସଂସ୍କୃତ ଅଷ୍ଟାଦଶ ପୁରାଣ ବା ଉପପୁରାଣ ପରମ୍ପରାରେ ଏହି ନୃସିଂହ ପୁରାଣର ନାମ ନାହିଁ । ଅନ୍ୟାନ୍ୟ ପୁରାଣ ଭାବରେ ନୃସିଂହ ପୁରାଣ ନାମରେ ଗ୍ରନ୍ଥଟିଏ ଦେଖିବାକୁ ମିଳେ । କିନ୍ତୁ ପୀତାମ୍ବରଙ୍କ ରଚିତ ବୃହତ୍ 'ନୃସିଂହ

ପୁରାଣ' ଏଥିରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ନରସିଂହ ପୁରାଣରେ 'ହିରଣ୍ୟ କଶିପୁ' ନାମକ ଭୟଙ୍କର ଦାନବକୁ ମାରି ଦେବତାମାନଙ୍କୁ ତଥା ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିବା ନିମିତ୍ତ ଭଗବାନ ବିଷ୍ଣୁ ଯେଉଁ 'ନରହରି' ରୂପ ଧାରଣ କରିଥିଲେ, ତା'ର ବିସ୍ତାରିତ ରୂପ ହିଁ ସଂସ୍କୃତ ନରସିଂହ ପୁରାଣ ପୀତାମ୍ବରଙ୍କ ଗ୍ରନ୍ଥରେ ନୃସିଂହ-ହରିଣ୍ୟ କଶିପୁ ପ୍ରସଙ୍ଗ ରହିଥିଲେ ହେଁ ମୁର-ଦାରୁଣଙ୍କ ଜନ୍ମ ଅତ୍ୟାଚାର ଓ ନୃସିଂହ ରୂପରେ ଭଗବାନଙ୍କର ତାଙ୍କୁ ବିନାଶ ମୁଖ୍ୟ ପ୍ରସଙ୍ଗ। କବି ପୀତାମ୍ବର ତାଙ୍କର ଏହି ଗ୍ରନ୍ଥକୁ ପଞ୍ଚ ପୁରାଣ ଅନ୍ତର୍ଭୁକ୍ତ କରିଛନ୍ତି। ନିଜେ ସେ ବହୁ ସ୍ଥାନରେ ପଞ୍ଚ ପୁରାଣ ସହିତ ନିଜର ଗ୍ରନ୍ଥକୁ ମିଶାଇ ପଞ୍ଚ ପୁରାଣ କରିଅଛନ୍ତି। ପୀତାମ୍ବରଙ୍କ ପୌତ୍ର ଗୌରାଙ୍ଗ ଦାସ ତାଙ୍କ ରଚିତ ଦାମୋଦର ପୁରାଣରେ ଏକଥା ସ୍ୱୀକାର କରି ଲେଖିଛନ୍ତ-

"ଏ ରୂପେ ଅଷ୍ଟାଦଶ ପୁରାଣ ନିର୍ଣ୍ଣୟ
ତହୁଁ ଉପୁଜିଲେ ପୁରାଣ ମହାଶୟ।
ପଞ୍ଚ ପୁରାଣ ନାମ ଯାହାକୁଟି କହି,
ନୃସିଂହ-ପୁରାଣ ରାମାୟଣ ଯେ ଅଟଇ।
ଶ୍ରୀ ମହାଭାରତ ଭାଗବତ ହରିବଂଶ
ଏ ରୂପେ ପଞ୍ଚ ପୁରାଣ ହୋଇଲା ପ୍ରକାଶ ।"

ପୀତାମ୍ବର ନୃସିଂହ ପୁରାଣ ଶେଷରେ ସ୍ୱୀକାର କରିଛନ୍ତି କେବଳ ନୃସିଂହପୁରାଣ ପାଠ କଲେ ଶ୍ରଦ୍ଧାଳୁ ପଞ୍ଚପୁରାଣ ପାଠର ପୁଣ୍ୟ ଲାଭ କରିପାରିବ। (ନୃ.ପୁ.୭।୧୧୮)। ଅଷ୍ଟାଦଶ ପୁରାଣର ଅନ୍ୟ ପୁରାଣଗୁଡ଼ିକ ଯେ ଓଡ଼ିଆ ଭାଷାରେ ରଚିତ ହୋଇନାହିଁ, ନୁହେଁ; କିନ୍ତୁ ସମଗ୍ର ଓଡ଼ିଆ ଉପରେ ସେଗୁଡ଼ିକର କୌଣସି ପ୍ରଭାବ ଅନୁଭୂତ ହୁଏ ନାହିଁ। ସେଥିପାଇଁ ପୀତାମ୍ବର ହିଁ ପ୍ରଥମେ ପଞ୍ଚ ପୁରାଣର ପରମ୍ପରା ଆରମ୍ଭ କରିଛନ୍ତି ଓ ପରବର୍ତ୍ତୀ କାଳରେ ଅନ୍ୟ ପୁରାଣକାରଙ୍କ ଦ୍ୱାରା ତାହା ସ୍ୱୀକୃତ ହୋଇଛି।

ବିପ୍ର ପୀତାମ୍ବର ଦାସ ଆଧୁନିକ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବ୍‌ଡିଭିଜନର ଋଷିକୁଲ୍ୟା ନିକଟବର୍ତ୍ତୀ 'ତହଁର' ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। କବି ତାଙ୍କ ନୃସିଂହ ପୁରାଣରେ ନିଜର ମଠ ଋଷିକୁଲ୍ୟା ନଦୀ ତୀରରେ ଥିବା କଥା ବାରମ୍ବାର ସ୍ୱୀକାର କରିଛନ୍ତି।

"ମୁହିଁ ବିପ୍ର ପୀତାମ୍ବର ଅଟେ ନରାଧମ
ଋଷିକୁଲ୍ୟା ନଦୀ ତଟ ଅଟେ ମୋର ଗ୍ରାମ।
ଗଲାଣି ସପ୍ତପୁରୁଷ ବୈଷ୍ଣବ ମତରେ
ରହିଛି ମୁଁ ମଠ ବାନ୍ଧି ଋଷିକୁଲ୍ୟା ତୀରେ। (ନୃ.ପୁ.୪/୧୬୦)

କବିଙ୍କ ପିତାଙ୍କ ନାମ ବାଲୁକେଶ୍ୱର ଓ ପିତାମହଙ୍କ ନାମ ଲକ୍ଷ୍ମୀଧର ଥିଲା। ଉଭୟେ ବୈଷ୍ଣବ ଥିଲେ ଓ କୃଷ୍ଣଲୀଳା ବିଷୟ ଗ୍ରନ୍ଥ ରଚନା କରିଥିଲେ। ଗବେଷକମାନଙ୍କ ମତରେ ପୀତାମ୍ବରଙ୍କ ଜନ୍ମ ୧୭୩୫ ଖ୍ରୀଷ୍ଟାବ୍ଦରେ ହୋଇଥିଲା ଏବଂ ସେ ୧୩।୦୮।୧୭୬୨ଖ୍ରୀଷ୍ଟାବ୍ଦ ଦିନ ନୃସିଂହ ପୁରାଣ ଲେଖିବା ଆରମ୍ଭ କରିଥିଲେ। (ମିଶ୍ର

ସଚ୍ଚିଦାନନ୍ଦ ନୃସିଂହ ପୁରାଣକାର, ପୀତାମ୍ବର ଦାସ-ପୃ-୧୫) କବି ତାଙ୍କର ପୂର୍ବସୂରୀମାନଙ୍କ ପରି ନିଜକୁ ମୂର୍ଖ, ଅପଣ୍ଡିତ, ଗୁଆଁର ଆଦି ଭାବରେ ବର୍ଣ୍ଣନା କରିଛନ୍ତି। ଭଗବାନଙ୍କ କୃପାରୁ ତାଙ୍କଠାରେ କବିତ୍ୱ ପ୍ରାପ୍ତ ହେଲା ଓ ସେ ନୃସିଂହ ପୁରାଣ ପରି ବିଶାଳ ଗ୍ରନ୍ଥ ଲେଖିବାକୁ ସକ୍ଷମ ହେଲେ। କବି ପୁଣି ଆଦିକବି ସାରଳାଙ୍କ ପରି ଆପଣାକୁ ଜାତିସ୍ମର (ଯାହାକୁ ପୂର୍ବ ଜନ୍ମକଥା ଜଣାଥାଏ) ଭାବରେ ବର୍ଣ୍ଣନା କରିଅଛନ୍ତି। ପୂର୍ବଜନ୍ମ ମାନଙ୍କରେ ସେ ପ୍ରଥମେ-କାଳିଦାସ, ପରେ ପରେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ସାରଳା ଦାସ, ମହାଦେବ ଦାସ ଓ ଶେଷରେ ସପ୍ତମ ଜନ୍ମକୁ ପୀତାମ୍ବର ଦାସ ରୂପେ ଜନ୍ମନେଇ ନୃସିଂହ ପୁରାଣ ରଚନା କରିଥିବା ପ୍ରକାଶ କରିଅଛନ୍ତି। ଏହି କ୍ରମରେ କବିଙ୍କୁ ଓଡ଼ିଆ କବିମାନଙ୍କ ଐତିହାସିକ କ୍ରମ ଜଣାଥିବା ମନେହୁଏ ନାହିଁ। ଫଳତଃ ଆଦିକବି ସାରଳାଙ୍କୁ ସେ ନିଜର ପଞ୍ଚମ ଜନ୍ମ ଓ ଅନ୍ୟ ଦୁଇ ଜଣ (ଜଗନ୍ନାଥ-ବଳରାମ)ଙ୍କୁ ତାଙ୍କ ପୂର୍ବବର୍ତ୍ତୀ କହିନଥାନ୍ତେ। ମଧ୍ୟଯୁଗର ସବୁ କବିଙ୍କ ପରି କବି ପୀତାମ୍ବର ଆପଣାର ବିନୟ ଭାବପୋଷଣ କରି ଏପରି କହିଛନ୍ତି। ପ୍ରଭୁଙ୍କ କୃପାରୁ ଦେବୀ ସାରଦା ତାଙ୍କ କଣ୍ଠରେ ବସିଲେ ଓ ସେ ନୃସିଂହ ପୁରାଣ ପରି ଏକ ବିଶାଳ ଗ୍ରନ୍ଥ ରଚନା କଲେ। ଏହା ବ୍ୟତୀତ ସେ ଅନେକ ପଦ, ପଦ୍ୟାବଳୀ ମଧ୍ୟ ରଚନା କରିଥିଲେ।

ନୃସିଂହ ପୁରାଣ ଓଡ଼ିଆ ପୁରାଣ ସାହିତ୍ୟ ପରମ୍ପରାର ଏକ ମୌଳିକ ପୁରାଣ। ଭାଗବତରେ ବର୍ଣ୍ଣିତ ନୃସିଂହଙ୍କ ହିରଣ୍ୟ କଶିପୁ ସଂହାର ଆଧାରରେ ସଂସ୍କୃତ ସାହିତ୍ୟରେ ଏକ ଅର୍ବାଚୀନ ନୃସିଂହ ପୁରାଣ ରଚିତ ହୋଇଛି। ଏହା ମୋଟ୍ ୬୮ ଅଧ୍ୟାୟ ବିଶିଷ୍ଟ ଓ ୩୫୦୦ ଶ୍ଲୋକ ବିଶିଷ୍ଟ ଅଟେ। ହିରଣ୍ୟ କଶିପୁ ରାକ୍ଷସକୁ ନୃସିଂହଙ୍କର ବଧ କରିବା ପ୍ରସଙ୍ଗ ଏଥିରେ ମୁଖ୍ୟ କିନ୍ତୁ ପୀତାମ୍ବରଙ୍କ ନୃସିଂହ ପୁରାଣ ସାତ ଖଣ୍ଡରେ ବିଭକ୍ତ ୪୨,୮୨୦ ପଦର ଏକ ବିଶାଳ ଗ୍ରନ୍ଥ। ଅଦ୍ୟାବଧି ପ୍ରକାଶିତ ନୃସିଂହ ପୁରାଣକୁ ଦୁଇଜଣ ପ୍ରକାଶକ ଜଣେ 'ରତ୍ନାକର' (ରାଧାରମଣ ପୁସ୍ତକାଳୟ ପ୍ରକାଶିତ) ଓ ଅନ୍ୟଜଣେ 'ସାଗର' (ଧର୍ମଗ୍ରନ୍ଥ ଷ୍ଟୋର, କଟକ) ଭେଦରେ ବିଭକ୍ତ କରିଅଛନ୍ତି। ସାତ ରତ୍ନାକର / ସାଗରରେ ବର୍ଣ୍ଣିତ କଥାବସ୍ତୁ ଏହିପରି।

**ପ୍ରଥମ ରତ୍ନାକର / ସାଗର:** ନୃସିଂହ ବନ୍ଦନା, ପରୀକ୍ଷିତଙ୍କୁ ବ୍ରହ୍ମଶାପ, ଶାପମୁକ୍ତି ଲାଗି ବିଷ୍ଣୁଚରିତ ଶ୍ରବଣ, ଶୁକମୁନିଙ୍କ ପୂର୍ବଜନ୍ମ, ଶୁକଙ୍କଠାରୁ ପରୀକ୍ଷିତଙ୍କପୁରାଣ ଶ୍ରବଣ, ବ୍ରହ୍ମଜ୍ଞାନ ଚର୍ଚ୍ଚା, ପ୍ରଳୟ ବର୍ଣ୍ଣନା, ସୃଷ୍ଟି ପ୍ରକ୍ରିୟା, ଶଚ୍ଚିଙ୍କ ଜନ୍ମ ଓ ବିବାହ, ଲକ୍ଷ୍ମୀଚରିତ, କୌସ୍ତୁଭ ମଣି ବୃତ୍ତାନ୍ତ, ଚାରି ବୈଷ୍ଣବ ସମ୍ପ୍ରଦାୟ ବିବରଣ, ପାର୍ବତୀ ବିବାହ, ଧନୁ ଓ ବଂଶୀର ବୃତ୍ତାନ୍ତ, କନ୍ଦର୍ପ ବିବାହ, ମୁର ଓ ଦାରୁଣଙ୍କ ଜନ୍ମ, ନୃସିଂହ ପୁରାଣ ମାହାତ୍ମ୍ୟ ବର୍ଣ୍ଣନା।

**ଦ୍ୱିତୀୟ ରତ୍ନାକର / ସାଗର:** ଜୟବିଜୟଙ୍କୁ ଅଭିଶାପ, ମନୁ ନାମକ ସାଧୁ ଚରିତ, ବିଷ୍ଣୁଙ୍କର ଦୁର୍ବାଙ୍କ କ୍ରୋଧ ଶାନ୍ତି, ମୁର ଦାରୁଣଙ୍କ ବାଳଲୀଳା, କବିଙ୍କ ପୂର୍ବଜନ୍ମ ବିବରଣ ମୁରଦାରୁଣର ତପସ୍ୟା ଭୂମିକମ୍ପ, ମୁର ଦାରୁଣଙ୍କ ଦିଗ୍‌ବିଜୟ, ମୁରର ବିବାହ, ସୂର୍ଯ୍ୟାବର୍ତ୍ତକ ମଣି ବୃତ୍ତାନ୍ତ, ମୁରର ସ୍ୱର୍ଗ ବିଜୟ, ଦେବଗଣଙ୍କ ମୁରବିନାଶ ନିମନ୍ତେ ବିଷ୍ଣୁଙ୍କୁ ପ୍ରାର୍ଥନା।

**ତୃତୀୟ ରତ୍ନାକର / ସାଗର:** ଭଗବତୀ ଜନ୍ମ, ଭଗବତୀ ବିବାହ, ଶେଷ ଓ ନୃସିଂହଙ୍କ ଜନ୍ମ, ବାଳଲୀଳା, ରାସଲୀଳା, ଗୁରୁସେବା, କୃପାଳୁ ସିଆଳ କଥା ବ୍ରତୋପନୟନ, ବିଦ୍ୟାଲାଭ, ନୃସିଂହଙ୍କ ରାଜ୍ୟାଭିଷେକ, ଶ୍ରୀବତ୍ସ ବ୍ରାହ୍ମଣ ଚରିତ, ନୃସିଂହ-ଶେଷ-ବିବାହ।

**ଚତୁର୍ଥ ରତ୍ନାକର / ସାଗର:** ଅଲକ୍ଷ୍ମୀ ବିବାହ, ନାରଦ-ମୁର ସମ୍ବାଦ, ଶେଷ ନୃସିଂହଙ୍କୁ ଆମନ୍ତ୍ରଣ, ଗୋପନରେ ମାରିବାର ମନ୍ତ୍ରଣା, ଗରୁଡ଼ରେ ମୁର ନାତିକୁ ବଧ, ମୁରର ସେନାପତିମାନଙ୍କ ମୃତ୍ୟୁ, ବଳିବାମନ ଉପାଖ୍ୟାନ, ଦାରୁଣବଧ, ଚନ୍ଦ୍ରକଳା ନିର୍ଣ୍ଣୟ ଓ ସ୍ତ୍ରୀ ପୁରୁଷ ଲକ୍ଷଣ।

**ପଞ୍ଚମ ରତ୍ନାକର / ସାଗର:** ଭକ୍ତ ମାହାତ୍ମ୍ୟ, ଲକ୍ଷ୍ମୀଙ୍କ ଗର୍ବ ଗଞ୍ଜନ ମୁରାସୁର ଯୁଦ୍ଧ ଯାତ୍ରା, ଜୀବ ପରମବିଚାର, ଶ୍ୱେତରାଜାଯଜ୍ଞ, ଧନ୍ୱନ୍ତରୀ ଜନ୍ମ।

**ଷଷ୍ଠ ରତ୍ନାକର / ସାଗର:** ମୁର ନୃସିଂହ ଯୁଦ୍ଧ, ମୁରାସୁର ବଧ।

**ସପ୍ତମ ରତ୍ନାକର / ସାଗର:** (ପୂର୍ବଖଣ୍ଡ) ନୀଳଗିରି ମାହାତ୍ମ୍ୟ, ଲକ୍ଷ୍ମୀଙ୍କ ଚାରିପୁତ୍ର ପ୍ରସଙ୍ଗ, ନୃସିଂହଙ୍କ ସ୍ୱର୍ଗଯାତ୍ରା, ପ୍ରହ୍ଲାଦଚରିତ, ହିରଣ୍ୟ କଶିପୁ ବଧ, ରାମଚରିତ ବଂଶାନୁଚରିତ, କୃଷ୍ଣଲୀଳା, ପରୀକ୍ଷିତ ଓ ଜନ୍ମେଜୟ ଚରିତ। (ଉତ୍ତରଖଣ୍ଡ)- ଶ୍ରୀମଦ୍‌ଭଗବଦଗୀତା, ସଂକ୍ଷିପ୍ତ ମହାଭାରତ ଚରିତ, ନୃସିହ ପୁରାଣ ମାହାତ୍ମ୍ୟ ଓ ଫଳଶ୍ରୁତି।

ଏହିଭଳି ଏକ ବିଶାଳ ଗ୍ରନ୍ଥରୁ କେବଳ ପ୍ରଥମ ରତ୍ନାକର ନିର୍ବାଚିତ ଆମର ପାଠ୍ୟ ଅନ୍ତର୍ଭୁକ୍ତ ହୋଇଛି। ପ୍ରଥମ ରତ୍ନାକରରେ ଥିବା କଥାକ୍ରମରେ ସୂଚନା ଉପରେ ପ୍ରଦତ୍ତ ହୋଇଛି। ଭାଗବତର କଥାବସ୍ତୁ ଆଧାରରେ ରଚିତ ହୋଇଛି ନୃସିଂହ ପୁରାଣର କାହାଣୀ କ୍ରମ । ରାଜା ପରୀକ୍ଷିତ ଧ୍ୟାନସ୍ଥ ଋଷିଙ୍କ ଗଳାରେ କଳି ପ୍ରଭାବରେ ମୃତ ସାପଟିଏ ପକାଇ ଦେବାରୁ ତାଙ୍କ ପୁଅ ରାଜାଙ୍କୁ ଅଭିଶାପ ଦେଇଛନ୍ତି ମୃତ୍ୟୁ ସାତଦିନ ମାତ୍ର ବାକି। ଏ ଭିତରେ ହତବାକ୍ ପରୀକ୍ଷିତଙ୍କୁ ଋଷିମାନେ ଆସି ବ୍ରହ୍ମଜ୍ଞାନ ଶୁଣାଇଛନ୍ତି। ଭାଗବତ ପରି ଏଠାରେ ବି ଶୁକ ମୁନିଙ୍କର ଆଗମନ ହୋଇଛି। ଶୁକ ପରୀକ୍ଷିତଙ୍କୁ ନୃସିଂହ ପୁରାଣ ଶୁଣାଇଛନ୍ତି। କାରଣ ଏଥିରେ ହରିଚରିତ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣିତ ହୋଇଛି। ପୀତାମ୍ବରଙ୍କ ଭାଷାରେ-

"ଏହି ପୁରାଣେ ବିଷ୍ଣୁର ସବୁଲୀଳା ଅଛି
ହରିରାମ କୃଷ୍ଣଙ୍କର ଯା ପାରିବୁ ପୁଚ୍ଛି।
ହରି ବୋଲିବା ନାମଟି ନୃସିଂହେ ପ୍ରବର୍ତ୍ତେ
ସେହି ନୃସିଂହଟି ରାମ ଅବତାର ମର୍ତ୍ତେ।"

ସବୁ ପୁରାଣ ମଧ୍ୟରେ କବି ପୀତାମ୍ବର ନୃସିଂହ ପୁରାଣକୁ 'ରାଜା' ଭାବରେ ବର୍ଣ୍ଣନା କରିଅଛନ୍ତି। ଅନ୍ୟ ସବୁ ପୁରାଣ ହୋଇଛନ୍ତି ଏହାର ଅନୁଚର। କବି ପରେ ପରେ କଥାବସ୍ତୁରେ ଆରମ୍ଭ କରି ଅସୁର ରାଜା ମୁର ଓ ଦାରୁଣଙ୍କ ଜନ୍ମ ପ୍ରସଙ୍ଗ ବର୍ଣ୍ଣନା କରିଅଛନ୍ତି। ପ୍ରାୟ ୨୦୦ ପୃଷ୍ଠାରୁ ଅଧିକ ପ୍ରଥମ ରତ୍ନାକରର ପାଠ୍ୟ ମଧ୍ୟରୁ ବିଦ୍ୟାର୍ଥୀଙ୍କ ଅବଗତ ହେବା ଲାଗି ଅଳ୍ପ କେତୋଟି ପୃଷ୍ଠାର 'ଦୃଷ୍ଟାନ୍ତ ପାଠ' ପ୍ରଦତ୍ତ ହୋଇଛି। ବିଦ୍ୟାର୍ଥୀମାନଙ୍କୁ ଅନୁରୋଧ ସେମାନେ ସମ୍ପୂର୍ଣ୍ଣ ପ୍ରଥମ ରତ୍ନାକରଟିକୁ ପାଠକରି ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ।

ପୂର୍ବରୁ ସୂଚନା ଦିଆଯାଇଛି ସାରଳାଙ୍କ ମହାଭାରତ ପରି ପୀତାମ୍ବରଙ୍କ ନୃସିଂହ ପୁରାଣ ଏକ ସମ୍ପୂର୍ଣ୍ଣ ମୌଳିକ ଗ୍ରନ୍ଥ। ସଂସ୍କୃତରେ ଏପରି ଗ୍ରନ୍ଥ ନାହିଁ। ପୁଣି ଯାହା ଅଛି ତା'ର କଳେବର ଅତ୍ୟନ୍ତ ସାନ ଓ ପ୍ରସଙ୍ଗ ମଧ୍ୟ

ଭିନ୍ନ । ପୀତାମ୍ବର ବହୁ ଆୟାସ ଫଳରେ ବିଭିନ୍ନ ପୁରାଣ, ଇତିହାସ ଓ ସମାଜରୁ କଥାବସ୍ତୁ ସଂଗ୍ରହ କରି ମୌଳିକ ଭାବରେ ନୃସିଂହ ପୁରାଣର କଥାକ୍ରମ ସର୍ଜନ କରିଅଛନ୍ତି । ଭାଷା ସରଳ ଓ ସର୍ବଜନବୋଧ ହୋଇଥିବାରୁ ଓଡ଼ିଆ ପାଠକମାନଙ୍କ ନିକଟରେ ଏହା ବେଶ୍ ପ୍ରିୟ ।

## ୧.୫ ନୃସିଂହ ପୁରାଣ ପାଠ

### ନୃସିଂହ ବନ୍ଦନା

ବନ୍ଦଇ ଶ୍ରୀ ଲକ୍ଷ୍ମୀକାନ୍ତ ନୃସିଂହ ଚରଣ
ନିରାକାର ନିର୍ବିକାର ନିର୍ଗୁଣ ସଗୁଣ ।
ଯାର ଆଦି ଅନ୍ତ ଚାରିବେଦେ ନୋହେ କହି
ଅଶେଷ ବ୍ରହ୍ମାଣ୍ଡେ ଯାର ବିଶ୍ୱରୂପ ଦେହୀ ।
ମହାଭୟଙ୍କର ମୂର୍ତ୍ତି ବିକଟ ଦଶନ
ସିଂହମୁଖ ରଙ୍ଗନେତ୍ର ମନୁଷ୍ୟ ଚରଣ ।
ଦୀର୍ଘବାହୁ ତୀକ୍ଷ୍ଣ ନଖ ଭୀଷଣ କେଶର
ପ୍ରଳୟ ମେଘ ପରା ଗର୍ଜନ ଯାହାର ।
ଯା ଅଟ୍ଟହାସେ ପାଇଲେ ଅସୁରେ ତରାସ
ଅଣଚାଶ ପବନ ଯା ନାସିକା ନିଃଶ୍ୱାସ ।
ଶୁଖିଲା ପତ୍ର ପରାୟେ ଦୁର୍ଦ୍ଦାନ୍ତ ଅସୁରେ
ଉଡ଼ିଲେ ଗଗନ ମାର୍ଗେ ଯାହାର ହାଇରେ ।
ଯାହାର ମୁରତି ଦେଖି ହିରଣ୍ୟ ଦଇତ
ମେଦିନୀ ଉପରେ ପଡ଼ି ହୋଇଲା ମୂର୍ଚ୍ଛିତ ।
ଯାର ମହା ଉଗ୍ରତେଜ ପ୍ରଭାବ ଦେଖିଣ
ରହି ନପାରିଲେ ସ୍ୱର୍ଗେ ଦେବାସୁରଗଣ ।
ତେତିଶ କୋଟି ଦେବତା ଭୟରେ କାତର
ଯାହାର ମହିମା ବ୍ରହ୍ମା ଶିବେ ଅଗୋଚର ।
ପବନହୁଁ ବେଗଗତି ସ୍ୱାମୀ ବିଶ୍ୱମ୍ଭର
ଜ୍ୱଳନ ଈକ୍ଷଣ ଜ୍ୟୋତି ଅତି ପରଖର ।
ସର୍ବମଙ୍ଗଳ ଉପରେ ଯେ ଜନନାୟକ
ଦକ୍ଷେ କୌମୋଦକୀ ଚକ୍ର ବାମେ ଧନୁ ଶଙ୍ଖ ।
ଭକ୍ତ ପାଇଁ ଚନ୍ଦ୍ରମୁଖେ ହୁଏ ସୁଧା ବୃଷ୍ଟି
ସାଧୁଏ ପିଅନ୍ତି ଯାହା ଲୋଭ ମୋହ କାଟି ।
ଅବ୍ୟୟ ଅବ୍ୟକ୍ତ ସୂକ୍ଷ୍ମନିତ୍ୟ ବ୍ରହ୍ମଜ୍ଞାନ
ଯୋଗାରୂଢ଼ ପୁରୁଷ ହେ ପ୍ରସନ୍ନ ବଦନ ।
ସର୍ବଜନ ଅନ୍ତର୍ଯ୍ୟାମୀ ବ୍ରହ୍ମାଣ୍ଡ କାରଣ
ହେତୁ ମତି ଦେଇ ଆପେ ଆପଣାକୁ ଚିହ୍ନ ।
କ୍ଷୀର ସମୁଦ୍ର ମଧରେ ରତ୍ନ ପଲ୍ୟଙ୍କରେ
ଶୟନ କରିଛ ପ୍ରଭୁ ଅନନ୍ତ ଶଯ୍ୟାରେ ।
କୋଟି ଭୂଷଣକୁ ଜିଣି ଶ୍ରୀଅଙ୍ଗ ଉଜ୍ଜ୍ୱଳ
ନେତ୍ର ତ୍ରୟେ ଶୋଭାପାଏ ଚନ୍ଦ୍ରାର୍କ ଅନଳ
ପିନାକ ଶାୟକ ଶୋହେ ଅଭୟ କରରେ
କୋଟି ଇନ୍ଦ୍ର ଜିଣି ଛବି ଦିଶେ ନିରନ୍ତରେ ।
ଏହିପରି କୋଟି କୋଟି ଶିବ ହେବେ ଯେବେ
ନୃସିଂହ ରୂପକୁ ସମ ନୋହିବେଟି କେବେ ।
ମନୋହର ସୁନାପାଗ ଶିରରେ ସୀମନ୍ତ
କର୍ଣ୍ଣ ବେନି ମଣିନାଗ କୁଣ୍ଡଳେ ରଞ୍ଜିତ ।
ଅମୂଲ୍ୟ ମଣିମୁକୁଟ ଲଲାଟରେ ଶୋହେ
କଣ୍ଠେ କଉସ୍ତୁଭ ମଣି ମଧୁଧାରା ବହେ ।
କରରେ ମଣିମୁଦ୍ରିକା ରୁଣୁଝୁଣୁ ବାଜେ
ବାହୁରେ ବିଦ ଶ୍ରୀବସ୍ତଚିହ୍ନ ହୃଦେ ସାଜେ ।
ବକ୍ଷସ୍ଥଳରେ ପଦକ କଟିରେ ଓଢଣୀ
ଜାନୁଯୁଗଳେ ଶୋଭିତ କ୍ଷୀରୋଦ୍ରି ପତନୀ ।

ତ୍ରିଶାଖା ମର୍କତ ରତ୍ନମୁଦି ଅଙ୍ଗୁଳିରେ
ବିଜେ କରିଛନ୍ତି କ୍ଷୀର ବଇକୁଣ୍ଠପୁରେ ।
ଅନନ୍ତ ସହସ୍ର ଫଣା ଟେକେ ଛତ୍ର ପ୍ରାୟ
ମୁଁ କିସ ବର୍ଣ୍ଣିବି ତାହା ବହି ନରଦେହ ।
କୋଳରେ ମହାଲକ୍ଷ୍ମୀଙ୍କୁ ଘେନିଣ ଶ୍ରୀପତି
ଶେଷଦେବଙ୍କ ଉପରେ ସୁଖେ ବିଳସନ୍ତି ।
ତପ୍ତସ୍ୱର୍ଣ୍ଣ ନିଶ ଦାଢି ଉଡେ ଫରହରେ
ତପତ ହାଟକ କେଶ ବେଢିଛି ମୁଖରେ ।
ତପତ ହାଟକ ବର୍ଣ୍ଣ ଦିଶେ ଶିରେ ଚୂଳ
ତପତ ହାଟକ ଜଟା ଅଛଇ ଶ୍ୟାମଳ ।
ସେ ଜଟା ସହସ୍ର ହାତ ଯାଇଅଛି ବଢି
ବେନି ସହସ୍ର ଯେ ମୋଟ ଆଡ଼ ଦର୍ଘେ ପଡ଼ି
ତିନି ସହସ୍ର ହାତ ସେ ଦାଢ଼ିର ବିସ୍ତାର
ତପତ ହାଟକ ନିଶ ଅତ୍ୟନ୍ତ ସୁନ୍ଦର ।
ସେହି ମହାଜଟା ବହି ଗୁଣବନ୍ତ ହରି
ଅନନ୍ତ ନାଗ ଉପରେ ଛନ୍ତି ବିଜେକରି ।
ସେ ତପ୍ତହାଟକ ଦାଢି ଏମନ୍ତ ଅଟଇ
ଅର୍ଦ୍ଧଅଙ୍ଗୁଳି ବଢନ୍ତେ ରୁଢ଼ ବୋଲି କହି ।
ଚତୁରଙ୍ଗୁଳି ବଢନ୍ତେ ହୁଅଇ ମୂକୁଳ
ହାତେ ଲମ୍ବ ହୁଅନ୍ତେ ସେ ବୋଲାଇ ଯେ ବାଳ
ବହୁତ ଲମ୍ବ ହୁଅନ୍ତେ ଜଟାବୋଲି କହି
ଏମନ୍ତ ମୁରତି କ୍ଷୀର ବଇକୁଣ୍ଠ ଶାୟୀ ।
ସେ ବିଷ୍ଣୁ ମହିମା ଅନ୍ତ କେ ପାରିବ କରି
ଭକ୍ତ ଉଦ୍ଧାରଣ ପ୍ରଭୁ ପାପନାଶକାରୀ ।
ଅଭୟ ବର ଦାତା ସେ କମଳାରମଣ
ଭୃତ୍ୟ ଦୁଃଖ ଛେଦି ତାକୁ କରନ୍ତି ରକ୍ଷଣ ।
ସଦା ଆଶା ସେହି ଲକ୍ଷ୍ମୀ ନୃସିଂହ ପୟର
ଜନ୍ମେ ଜନ୍ମେ ସେବେ ଦାଶ ବିପ୍ର ପୀତାମ୍ବର

ମୋର ପିତାମହ ଥିଲେ ଲକ୍ଷ୍ମୀଧର ଦାଶ
ବିଷ୍ଣୁଙ୍କର ପଦାମ୍ବୁଜେ ବହୁତ ବିଶ୍ୱାସ ।
କୌଣ୍ଡିନ୍ୟସଗୋତ୍ରେ ସେହୁ ହୋଇଲେ ସମ୍ଭୂତ
ଜାଣନ୍ତି ସଦ୍‌ଗୁରୁ ପାଦ ସେବି ବେଦ ତତ୍ତ୍ୱ ।
ସର୍ବଶାସ୍ତ୍ରେ ପରିପୂର୍ଣ୍ଣ ସେହି ଯଜୁର୍ବେଦୀ
କହିଲଇ କଣ୍ୱଶାଖା ଯଥାବିଧି ।
ପରମହଂସ ଦୀକ୍ଷା ଯେ ତାଙ୍କର ପ୍ରଚାର
ବ୍ରହ୍ମରେ ନିପୁଣ ଗଲେ ବଇକୁଣ୍ଠପୁର ।
ବାଲୁକେଶ୍ୱର ନାମରେ ତାଙ୍କ ଜ୍ୟେଷ୍ଠପୁତ୍ର
ଜାଣନ୍ତି ସଦ୍‌ଗୁରୁ ପଦ ସେବି ବେଦତତ୍ତ୍ୱ ।
ସେହି ପୁଣି ବିଷ୍ଣୁଙ୍କର ଅତ୍ୟନ୍ତ ଭକତ
ପ୍ରଭୁଙ୍କ ପାଦ ସେବାରେ ଦେଇଥାନ୍ତି ଚିତ୍ତ ।
ବେଦ ଶାସ୍ତ୍ର ପୁରାଣରେ ବହୁଶ୍ରମ କରି
ଦିନକାଳ କାଟିଲେ ସେ ବିଷ୍ଣୁ ନାମ ସ୍ମରି ।
ସେ ମୋହର ପିଅର ମୁଁ ତାହାର ଆତ୍ମଜ
ମୋହର ନାମ ଅଟଇ ପୀତାମ୍ବର ଦ୍ୱିଜ ।
ଦେଖିଲି ଏ କଳିକାଳ ମାୟା ଅନ୍ଧକାର
ମନମଧ୍ୟେ ଭାଳି ଭାଳି କରଇ ବିଚାର ।
କେଉଁ ରୂପେ ଗତିମୁକ୍ତି ଲଭିବ ମୋ ଦେହୀ
ଆଶା ଜଳରେ ସର୍ବଦା ମଜ୍ଜିଲଇଁ ମୁହିଁ ।
କାମ କ୍ରୋଧ ଲୋଭ ମୋହ ନପାରିଲି କାଟି
ମାୟାଭ୍ରମରେ ଭ୍ରମିଲା ମୋର ବେନି ଦୃଷ୍ଟି ।
ରାଗ ଅପବାଦ ହିଂସାନଳେ ମନ ଭ୍ରମି
ଏଥି ମଜ୍ଜିକରି ଦିନ ଗଲା ଅତିକ୍ରମି ।
କେଉଁପରି ଗତିମୁକ୍ତି ହେବ କଳେବର
ଗୋବିନ୍ଦଲୀଳା ବିନୁ ମୋ ନାହିଁ ପ୍ରତିକାର ।
ଭରସା କରି ଏମନ୍ତ ପାଞ୍ଚି ମୁହିଁ ଚିତ୍ତେ
ସେ ବିଷ୍ଣୁଲୀଳାରୁ କିଛି ବଖାଣିବି ଗୀତେ ।

ଯେବଣ ପ୍ରଭୁ ମହିମା ଅଟଇ ଅନନ୍ତ
ମାନବ ଦେହ ବହି କେ କରିପାରେ ଅନ୍ତ ।
ଅଶେଷ ବ୍ରହ୍ମାଣ୍ଡ ଅଛି ଯା ଉଦରେ ପୂରି
କେ ଗୋଚର କରିପାରେ ମହିମା ତାହାରି ।
ଚବିଶ ମୁରତି ଦଶ ଅବତାର ଯେତେ
ନୃସିଂହ ପୁରାଣ ପଦ କହିବଇଁ ତୋତେ ।
ଏମନ୍ତ ବିଚାରି ମୁହିଁ ହୃଦେ କଲି ଠାବ
ଭାବବାରି ତରିବାକୁ ପଦ୍ମନାଭ ନାବ ।
ସେ ନାବରେ ବସିଲେ ଏ ଭବଭୟ ବାରି
ଗୋଖୋଜ ତରିଲା ପ୍ରାୟେ ଯିବି ହେଳେତରି
ଏମନ୍ତ ଆକୁଳ ମନେ କରନ୍ତେ ମୁଁ ଧ୍ୟାନ
ରାତ୍ରେ ବାକ୍ୟଦେବୀ ମୋତେ ହୋଇଲେ ପ୍ରସନ୍ନ
ବୀରକିଶୋର ଦେବଙ୍କ ବତିଶ ଅଙ୍କରେ
ସିଂହମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ।
ସୋମବାର ହୋଇଥିଲା ଆସିଣ ସେ ଦିନ
ମୋ ଆଗରେ ଉଭାହୋଇ ବୋଇଲେ ଏସନ
ନୃସିଂହ ପୁରାଣ ଗ୍ରନ୍ଥ କର ତୁହି ଏବେ
ଶୁଣି ପଢି ସର୍ବଜନେ ପାପୁଁ ମୁକ୍ତ ହେବେ ।
ପଦ୍ମକଳ୍ପ ଏ ବିଚାର ହୋଇଛି ନିର୍ଣ୍ଣୟ
ସତ୍ୟଯୁଗ ପୁରାଣରେ ଚରଚା ତୁ କହ ।
ସାମବେଦରୁ ସମ୍ଭୂତ ହୋଇଛି ଏ ଗ୍ରନ୍ଥ
ବ୍ରହ୍ମା ନାରଦ ସମ୍ବାଦ ଶୁକ ପରୀକ୍ଷିତ ।
ନୃସିଂହ ଶେଷଦେବଙ୍କ ଅବତାରଲୀଳା
ବଙ୍ଗଦେଶେ ଜାତ କୃଷ୍ଣ ବଲ୍ଲଭର ବଳା ।
ସେ କୃଷ୍ଣବଲ୍ଲଭ ରାଜା ବିଷ୍ଣୁରେ ଭକତି
ତାହାଙ୍କ ଭାରିଯା ନାମ ଅଟେ ଭଗବତୀ ।
ସେ ନାରୀଗର୍ଭେ ନୃସିଂହ ଶେଷ ହେଲେ ଜନ୍ମ
ଜ୍ୟେଷ୍ଠଭାଇ ନୃସିଂହ ଯେ ଶେଷ ଅଟେ ସାନ
ସେ ଅବତାରର କୀର୍ତ୍ତି ଲେଖ ତୁହି ଏବେ
ଅବ୍ୟକ୍ତ ପଦ ତୋହର ମୁଖରୁ ସ୍ଫୁରିବେ ।
ଯେତେବେଳେ ଲେଖିବୁ ତୁ ଲେଖନୀକୁ ଧରି
ତେତେବେଳେ ପଦମାନ ଯାଉଥିବ ସ୍ଫୁରି ।
ଏତେ କହିଣ ଅଦୃଶ୍ୟ ହେଲେ ଗୋସାମଣି
ନିଦ୍ରାଭଙ୍ଗେ ତାହାକୁ ମୁଁ ସ୍ୱପ୍ନପ୍ରାୟ ମଣି ।
ଶୁଣ ଆହେ ସୁଜ୍ଞଜନେ ପୁରାଣ ଚରିତ
ତାହାଙ୍କ ଆଜ୍ଞାରେ ଏହା କଲି ମୁଁ ପ୍ରାକୃତ ।
ମୁହିଁ କଲି ବୋଲି ମନେ ନଧରିବ ଦୋଷ
ନୃସିଂହ ପାଶେ ଶରଣ ପୀତାମ୍ବର ଦାସ ।

**ରାଜା ପରୀକ୍ଷିତଙ୍କର ବ୍ରହ୍ମଶାପ ବୃତ୍ତାନ୍ତ**

ଏ ଯେ ପ୍ରଥମ ସାଗର ନୃସିଂହ ପୁରାଣ
ସଞ୍ଚିଥିଲେ ସୃଷ୍ଟି ଆଦ୍ୟେ ପ୍ରଭୁ ନାରାୟଣ
ବ୍ରହ୍ମା ନାରଦ ସମ୍ବାଦେ ଅଟଇ ଏ ବାଣୀ
କହିଲେ ଶୁକ ଶୁଣିଲେ ପରୀକ୍ଷିତ ପୁଣି ।
ଯେମନ୍ତ ହେଲା ଉକତ କହିବା ତା ଶୁଣ
ସୋମବଂଶେ ପରୀକ୍ଷିତ ନାମେ ନୃପରାଣ ।
କୁରୁକୁଳମଣ୍ଡନ ସେ ହସ୍ତିନା ନୃପତି
ଜନ୍ମେଜୟ ରାଜାଙ୍କର ପିଅର ଅଟନ୍ତି ।
ଅଭିମନ୍ୟୁର କୁମର ସୁଭଦ୍ରାର ନାତି
ପଣ୍ଡୁ କୁଳମଣ୍ଡନ ସେ ଅଟେ ଚକ୍ରବର୍ତ୍ତୀ ।
ଉତ୍ତରାବାଳୀ ନନ୍ଦନ ଯେ ପରୀକ୍ଷ ରାଜା
ଅତି ସୁନ୍ଦର ପଣରେ କାମ ଗର୍ବଗଞ୍ଜା ।
ବୀର ଶୂରପଣରେ ସେ ସମ ସୁରପତି
ପଣ୍ଡିତପଣେ ସାକ୍ଷାତେ ଅଟେ ବୃହସ୍ପତି ।
ବାଣୀ ଗମ୍ଭୀର ବସନ୍ତ କୋକିଳର ସମ
ଦୟାଳୁ ପଣରେ କିବା ଅଟଇ ଶ୍ରୀରାମ ।
ଚନ୍ଦ୍ରମା ପ୍ରାୟେ ଆହ୍ଲାଦ ଶାନ୍ତ ପରାକ୍ରମ
ଧୈର୍ଯ୍ୟପଣରେ ରାଜା ମେରୁଗିରି ସମ ।
କ୍ଷମା ଶାନ୍ତି ଲକ୍ଷଣରେ ବାରିଧି ପରାୟ

ରାଜେଶ୍ୱର ପଣରେ ସେ ଯୁଧିଷ୍ଠିର ରାୟ ।
ଧନବନ୍ତପଣରେ ସେ ଅଟେ ଧନେଶ୍ୱର
ବାଣୀ ଶୀତଳ ଯେସନ ଗଙ୍ଗାନଦୀ ନୀର ।
ଅଷ୍ଟାବଧାନୀରେ ପୁଣି ରାମଙ୍କ ସମାନ
ତେଜଗୁଣେ ପ୍ରତ୍ୟକ୍ଷରେ ପ୍ରଚଣ୍ଡ ତପନ ।
ଶରଚ୍ଚନ୍ଦ୍ର ସମ ନୁହେଁ ଉଜ୍ଜ୍ୱଳପଣରେ
ବିଷ୍ଣୁଚକ୍ର ସଦୃଶ ସେ ବଇରିକୁଳରେ ।
ବତିଶ ଲକ୍ଷଣଯାକ ଘେନିଣ ଉତ୍ପନ୍ନ
ଗର୍ଭରେ ମରି ଜୀଅନ୍ତେ ପରୀକ୍ଷିତ ନାମ ।
ସୋମବଂଶ ଉଦ୍ଧାରଣ ଅଟଇ ସେ ବୀର
ଜମ୍ବୁଦ୍ୱୀପଯାକ ଜୟ କଲେ ଶତେ ବାର ।
ବଂଶାନୁଚରିତମାନ ଶୁଣି ନରନାଥ
ରାଜନୀତିରେ ବଢ଼ିଣ ସାଧି କ୍ଷତ୍ରିବୃତ୍ତ ।
ରାଜ୍ୟର ନ୍ୟାୟ ଅନ୍ୟାୟ ଧର୍ମାଧର୍ମ ଯେତେ
ବିପ୍ରମୁଖରୁ ଏମାନ ଶୁଣି ଶାସ୍ତ୍ରମତେ ।
ସ୍ୱଦେଶ ପରଦେଶର ଶୁଣନ୍ତି ଗୁହାରି
ପ୍ରଜାକୁଳ ପାଳନ୍ତି ସେ ପୁତ୍ର ସମ କରି ।
ପ୍ରାତଃକାଳେ ଘୃତଦେଇ ଅଗ୍ନିକୁ ଯେ ତୋଷି
ଅନ୍ନଦାନ ଦିଅନ୍ତି ସେ ଦେଖି ଭୋକୀ ଶୋଷି
ନିତ୍ୟ ଗୁରୁ ବଇଷ୍ଣବ ଚରଣ ସେବନ୍ତି
ବିଷ୍ଣୁଙ୍କର ପୂଜା ସନ୍ଧ୍ୟା ପ୍ରତ୍ୟହ କରନ୍ତି ।
ଅତିଥି ଯେ ଅଭ୍ୟାଗତ ଭିକ୍ଷାଶୀ ସନ୍ନ୍ୟାସୀ
ଏମାନଙ୍କୁ ରାଜା ଅନ୍ନ ବସ୍ତ୍ର ଦେଇ ତୋଷି ।
ସୁଜନ ପ୍ରତିପାଳନ ଦୁର୍ଜ୍ଜନ ନିପାତି
ଉତ୍ତମ ବିପ୍ର ଦେଖିଣ ଚରଣ ସେବନ୍ତି ।
ଏହିରୂପେ ପ୍ରତିଦିନ ଚର୍ଚ୍ଚାମାନ କରି
ଜନମୁଖେ ଶୁଭେ ଧନ୍ୟ ଧନ୍ୟ ଦଣ୍ଡଧାରୀ ।
ନାଗଲୋକ ନରଲୋକ ଦେବଲୋକ ଯାଏ
ସବୁବେଳେ ପ୍ରଶଂସନ୍ତି ପରୀକ୍ଷିତ ରାୟେ ।
ଏହିମତେ କେତେଦିନ ହୋଇଗଲା ଭୋଗ
ଦେଖ ସେ ପରୀକ୍ଷ ରାଜା କର୍ମର ବିଯୋଗ ।
ବଇଶାଖ କୃଷ୍ଣପକ୍ଷ ଅମାବାସ୍ୟା ତିଥି
ବେଣ୍ଟ ପାରିଧିରେ ଗଲେ ପଣ୍ଡୁ ପଣନାତି ।
ହରଙ୍କ ଉଦ୍ୟାନ ବନ ଉତ୍ତରାଭିମୁଖେ
ସଖା ସେନା ସଙ୍ଗେ ଘେନି ମିଳିଲେ ପରୀକ୍ଷେ
ସେ ବନେ ପଶି ଖୋଜନ୍ତି ଗଣ୍ଡା ପଶୁ ମୃଗ
ତହିଁ ନ ପାଇଣ ରାଜା ଗଲେ ଅନ୍ୟ ମାର୍ଗ ।
ବୁଲି ବୁଲି ଆସନ୍ତେ ସେ ନଇମିଷାରଣ୍ୟେ
ଦେଖିଲେ ଏକ ତପସ୍ୱୀ ଛନ୍ତି ଯୋଗଧ୍ୟାନେ
ସେ ଋଷି ପାଶରେ ଆସି ମିଳିଲେ ରାଜନ
ତୃଷା ଲାଗିବାରୁ ଦେହ ହୁଏ କମ୍ପମାନ ।
ଏକେ ତ ବସନ୍ତ ଋତୁ ନିଦାଘର କାଳ
ଜଳ କାହିଁ ନ ଦେଖିଣ ହୋଇଲେ ଆକୁଳ ।
ମୁନିଙ୍କି ପୁଚ୍ଛିଲେ ରାଜା ଶୁଣ ହେ ପୁରୁଷ
ଜଳ ଦିଅ ଆମ୍ଭଙ୍କୁ ତ ହେଉଅଛି ଶୋଷ ।
ପାରିଧି ନିମନ୍ତେ ଆଜ ପଶିଲୁ ଅରଣ୍ୟେ
ବେଣ୍ଟ ମୋ ନିଷ୍ଫଳ ଗଲା ଚିତ୍ତ ତୃଷାଛନ୍ନେ ।
ତୁମ୍ଭଙ୍କୁ ଉତ୍ତମ ଜ୍ଞାନେ ମାଗିଲୁ ଯେ ନୀର
ଦେଲେ ତ ତୃଷା ହରିବ ଦେହ ହେବ ସ୍ଥିର ।
ରାଜାର କହିବା ବାକ୍ୟ ନ ଜାଣନ୍ତି ମୁନି
ଯୋଗରେ ବସିଅଛନ୍ତି ଲକ୍ଷ ସୂତ୍ର ଘେନି ।
ଏକେତ ବ୍ରହ୍ମାଙ୍କ ନାତି ବ୍ରହ୍ମେ ଅଛି ଧ୍ୟାନ
ସେ କାହୁଁ ଶୁଣିବେ ରାଜା କହିବା ବଚନ ।
ଏତେକ କହିଣ ତୃଷା ଆକୁଳେ ନୃପତି
ବୋଇଲେ ଚଣ୍ଡାଳ କେହ୍ନେ ବୋଲାଉ ତୁ ଯତି
ଏଡ଼େ ନିର୍ଦ୍ଦୟ ତୁ ପୁଣି ଅଟୁ ମହାମୁନି

ବଧିର ପ୍ରାୟ ରହିଲୁ ବଚନ ନଶୁଣି ।
କିରୂପେ ତପ କରୁଛୁ ତପସ୍ୱୀ ବୋଲାଇ
ଜୀବ ଆତ୍ମା ଆକଳିତ ନ ମଣିଲୁ ତୁହି ।
ଏମନ୍ତ ବୋଲିଣ ରାଜା ଚାହିଁ ଚଉକତି
ଦେଖିଲେ ମୃତ ସର୍ପେକ ପଡ଼ିଅଛି କ୍ଷିତି
ସେ ସର୍ପ ଗୋଟିକି ହସ୍ତେ ଧରି ନୃପନିଧି
ଋଷିଙ୍କ ଗଳାରେ ରାଜା ଦେଲେ ନେଇ ବାନ୍ଧି
ଆପଣା ରାଜ୍ୟକୁ ତହୁଁ ଚଳିଲେ ତକ୍ଷଣେ
ବସିଲେ ସ୍ନାନ ମଣୋହି ସାରି ସିଂହାସନେ
ଏଥିଉତ୍ତାରୁ ମିଳିଲେ ଆସି ଋଷିବଳା
ଦେଖିଲେ ପିତାଙ୍କ କଣ୍ଠେ ଲମ୍ବେ ବନମାଳା
ନିରେଖି ଚାହିଁ ଦେଖିଲେ ପୁଣି କାଳସର୍ପ
ବୋଇଲେ କେଉଁ ଦାରେହା ଅର୍ଜିଲା ଏ ପାପ
କଶ୍ୟପ ନନ୍ଦନ ବୋଲି ନ କଲା ସେ ଭୟେ
ଗଳାରେ ଲଦିଲା ଆଣି ମୃତ ସର୍ପଟାଏ ।
ମୁଁ ଯେବେ ନିଷ୍ଠେ ଅଟଇ ଜାଣ ଋଷି ପୁତ୍ର
ଅବଶ୍ୟ ତକ୍ଷକ ଆସି ଧ୍ୱଂସିବ ତା ଗାତ୍ର ।
ଆଜଠାରୁ ସାତଦିନେ ହୁଅ ତୁ ବିନାଶ
ଏ ଶାପ ଦେଲେ ଯେ ଋଷି ଶମୀଙ୍କର ଶିଷ୍ୟ ।
ଶାପ ଦେଇ ପୁତ୍ର ପୁଣି ବିଳାପ କରନ୍ତି
କ୍ରନ୍ଦନ ଧ୍ୱନି ଶୁଣି ଉଠିଲେକ ଯତି ।
କୋମଳ ନୟନ ମେଲି ଦେଖିଲେ ଯେ ଋଷି
ହୃଦରୁ ସର୍ପକୁ କାଢ଼ି ପଚାରନ୍ତି ବସି ।
ହେ ପୁତ୍ର କାହିଁକି ତୁରେ କରୁଛୁ ବିଳାପ
କେବଣ ମହାତ୍ମା ଜାତ କରାଇଲା କୋପ ।
ଶୁଣିମା ହେଉ ଭୋ ତାତ ପୁଣି ପୁତ୍ର କହେ
କେଉଁ ମୂର୍ଖ ଲମ୍ବାଇଲା ସର୍ପ ତୁମ୍ଭ ଦେହେ ।
ତେଣୁକରି ତାକୁ ମୋର କୋପ ହେଲା ମନେ
ଶାପ ମୁଁ ଦେଲି ଦଂଶିବ ସର୍ପ ସାତଦିନେ ।
ମୁନି ବୋଇଲେ ପୁତ୍ରରେ କେଡ଼େ କର୍ମ କଲୁ
ଧ୍ୟାନେ ଜାଣିଲି ଶାପ ତୁ ପରୀକ୍ଷେ ଦିହିଲୁ ।
କେଡ଼େଦ୍ରୋହ ଅର୍ଜି କଲୁ ନ ଜାଣିଣ କୋପ
ସୋମବଂଶ ରାଜନ ସେ ପରୀକ୍ଷିତ ନୃପ ।
ମହା ଧର୍ମଶାଳୀ ସେ ଅଭିମନ୍ୟୁ ବଳା
ତୃଷାର ଆତୁରେ ସର୍ପ ବାନ୍ଧିଲା ମୋ ଗଳା ।
ତହିଁକି ତୁ ଏଡ଼େ କୋପ କଲୁ ଆରେ ବତ୍ସ
ସାତଦିନେ ମୃତ୍ୟୁ ଯେବେ ପାଇବ ପରୀକ୍ଷ ।
ଏ ପୃଥ୍ୱୀରେ ଆଉ କେହି ହୋଇବ ନୃପତି
ଏହିଠାରୁ ବୁଡ଼ିଲା ତ ସୋମବଂଶ କୀର୍ତ୍ତି ।
ପୀତାମ୍ବର ବୋଲେ ତୁମ୍ଭେ କଲତ ଅନ୍ୟାୟ
ହୁଅନ୍ତୁ ସହାୟ ତାଙ୍କୁ ପ୍ରଭୁ ଦୟାମୟ

**ପରୀକ୍ଷିତଙ୍କର ହରିନାମ କୀର୍ତ୍ତନ**

**ଓ ଋଷିମାନଙ୍କର ଆଗମନ**

ଏସନକ ଉଚ୍ଚବାଚ ହ୍ୱନ୍ତେ ପିତା ପୁତ୍ର
ସେ ଖବର ଜନମୁଖେ ଉଠିଲା ଜଗତ ।
ରାଜା ତାହା ଶୁଣି ମନମେଧ୍ୟ ବିଚାରିଲେ
ପ୍ରମାଣ ଆମ୍ଭେ ଏ ଦୋଷ ଅର୍ଜିଲୁ ବୋଇଲେ
ବ୍ରହ୍ମଋଷି ଏ ବୋଲିଣ ନ ପାରିଲୁ ଚିହ୍ନି
କାଳସର୍ପ ଛନ୍ଦିଲି ମୁଁ ସ୍ୱହସ୍ତରେ ଘେନି ।
ଯେଉଁ ବ୍ରହ୍ମଶାପ ଗଲା ଯଦୁବଂଶ କ୍ଷୟ
ସେହି ଶାପ ଖଣ୍ଡିବାକୁ ନାହିଁ ମୋ ଉପାୟ
ଅବଶ୍ୟ ଆସି ଘଟିଲା ମୋତେ ମୃତ୍ୟୁଯୋଗ
ଋଷିର ଶାପେ ନିଶ୍ଚୟ ଦଂଶିବ ଭୁଜଙ୍ଗ ।
ଆଜହୁଁ ସପତ ଦିନେ ଯେବେ ହେବି ନାଶ
ଏ ପୃଥ୍ୱୀରେ ଆଉ ମୋର ପ୍ରୟୋଜନ କିସ ।
ଏକମାତ୍ର ହରିନାମ ସଂସାରରେ ସାର

ପଢିଲେ ଶୁଣିଲେ ମୁହିଁ ପାଇବି ନିସ୍ତାର ।
ସକଳ ଦୁରିତ କ୍ଷୟ ଯିବ ସର୍ବ ଦୋଷ
ଏଥୁ ବା ପାରି କରିବେ ମୋତେ ହୃଷୀକେଶ
ଏତେ ପାଞ୍ଚ ମହାରାଜା ହସ୍ତିନା ବାହାରେ
ପୁରେକ ନିର୍ମାଣ କଲେ ଗଙ୍ଗାନଦୀ ତୀରେ ।
ଗୃହ ମଣ୍ଡପ ଜଗତୀ ଅଟ୍ଟାଳି ଦେଉଳ
ହୀରା ନୀଳାରେ ନିର୍ମିତ ନନ୍ଦାବର୍ତ୍ତ ଚାଳ ।
ଦୋମୁହିଁ ଯେ ଆଡ଼ମୁହିଁ ଲଙ୍କମୁହିଁ କରି
ସହସ୍ରେ ବଖରା ଘରେ ଲମ୍ବେ ହୀରାଝରୀ ।
ଏସନ ପୁର ନିର୍ମାଣ ଜାହ୍ନବୀର ତୀରେ
ବାଲୁକା ବେଦୀ ସ୍ଥାପିଲେ ତହିଁର ମଧ୍ୟରେ ।
ଅଏଁଳା ବେଲ ତୁଳସୀ ପଦ୍ମ ଯେ ରୁଦ୍ରାକ୍ଷ
ବେଦୀର ଚାରିପାରୁଶେ ରୋପିଲେ ପରୀକ୍ଷ ।
ସେ ବାଲୁକା ବେଦୀପରେ ପାରି କୁଶଶଯ୍ୟା
ତହିଁପରେ ବିଜେକଲେ ସୋମବଂଶ ରାଜା ।
ଗୋବିନ୍ଦ ଗୋପାଳ ହରେ ରାମ ବୋଲି ମୁଖେ
ଅନ୍ତର୍ଜଳେ ବିଜେ କଲେ ଉତ୍ତରାଭିମୁଖେ ।
ବାଜଇ ଶଙ୍ଖ ମହୁରୀ ମୃଦଙ୍ଗ କାହାଳି
ତାଳ କଂସାଳ ଟମକ ଦମା ରାମତାଳି ।
ବିପ୍ରମାନେ ସାମବେଦ ଉଚ୍ଚାରନ୍ତି ମୁଖେ
ରାଜ୍ୟଜନେ ହାହାକାର କରୁଛନ୍ତି ଶୋକେ ।
କେହୁ ବୋଲେ ପୋଡ଼ିଯାଉ ତୁମ୍ଭ ରାଜ୍ୟସୁଖ
କଅଁଳା ପୁଅ ପାଇଲା ଏଡ଼େବଡ଼ ଦୁଃଖ ।
କେହି ବୋଇଲେ ସରିଲା ଏବେ ଆମ୍ଭ ନାଟ
ସୋମବଂଶ ଏହିଠାରୁ ହେଲା ଅଣପାଟ ।
ଏହିପରି କୁହାକୁହି ହେଲେ ସର୍ବଜନ
ସକଳ ଦେଶେ ଶୁଭିଲା ଏହି କୁବଚନ ।
ଏଥୁଅନନ୍ତରେ ତହିଁ ସର୍ବ ଋଷିମାନେ
ବାରତା ପାଇ ମିଳିଲେ ରାଜ ସନ୍ନିଧାନେ ।

କହିବାକୁ ସେ ଋଷିଙ୍କ ନାମକାର ଶକ୍ୟ
ଶୁଣିବାକୁ ଯେ ଦୁର୍ଲ୍ଲଭ ଏକକୁ ଆରେକ ।
କଶ୍ୟପ ବୋଢୁ ଆସୁରି ଜାବାଳି ଜନକ
ବଶିଷ୍ଠ ଯେ ବାମଦେବ କଣ୍ୱ ପଞ୍ଚଶିଖ ।
ପୁଲହ ପୌଲସ୍ତ୍ୟ ଆଉ ଅଙ୍ଗିରା ଭାର୍ଗବ
ଅଗସ୍ତି କପିଳ ମୁନି ସୁଦେବ ଗାର୍ଗବ
କବି ହବି ଚ୍ୟବନ ଯେ ବଇଶମ୍ପାୟନ
ମରୀଚି ଅତ୍ରି ଆପ୍ଲବ ଯେ ପିପ୍‌ପଳାୟନ ।
ଭରଦ୍ୱାଜ ବିଶ୍ୱାମିତ୍ର ଦୁର୍ବାସା ନାରଦ
ମୁଦ୍‌ଗୁଲ ଗୌତମ ମୁନି ଲୋମଶ ସନନ୍ଦ ।
ପରାଶର କାତ୍ୟାୟନ ଋଷିଶୃଙ୍ଗ ଶୁକ
ସନକ ସୌନତ ଆଉ ସନତ କୌଶିକ ।
ଉଦ୍ଦାଳକ ସତ୍ୟାନନ୍ଦ ସୂତ ପୌରାଣିକ
ଆତ୍ରେୟ ଯେ ବିଭାଣ୍ଡକ ଉସନା କାଲ୍ମୀକ ।
ମାର୍କଣ୍ଡେୟ ସନାତନ ଅଷ୍ଟବକ୍ର ଋଷି
ରୋମାଞ୍ଚ ଯେ ଶରଭଙ୍ଗ ଯମଦଗ୍ନି ଆସି
ମିଳିଲେକ ଋଷିଗଣ ଅପାରୁ ଅପାର
ଧ୍ୟାନ ଯୋଗରେ ଜାଣିଲେ ପରୀକ୍ଷ ବିଚାର ।
ବ୍ରହ୍ମଋଷି ଦେବଋଷି ରାଜଋଷି ଯେତେ
ସମସ୍ତେ ମିଳିଲେ ଆସି ପରୀକ୍ଷ ଅଗ୍ରତେ ।
ଋଷିମାନଙ୍କୁ ଦେଖିଣ ସୋମବଂଶ ରାଜା
ଜଣ ଜଣକେ ଆସନ ଦେଇ କଲେ ପୂଜା ।
ସହସ୍ର ବଖରା ଘର ନିର୍ମିତ ସେ ପୁରେ
ଆସନ ପାଇଣ ଋଷି ବସିଲେ ତହିଁରେ ।
ସମସ୍ତ ଋଷିଙ୍କୁ ଚାହିଁ ପରୀକ୍ଷ ରାଜନ
କରଯୋଡ଼ିଣ ପୁଚ୍ଛନ୍ତି ଶ୍ରୀକୃଷ୍ଣ ପୁରାଣ ।
ଆହେ ଋଷି ମୁନିମାନେ ଶୁଣ ମୋର ବୋଲ
ମୋର ପିଣ୍ଡ ଗତି ଅର୍ଥେ ତୁମ୍ଭେ ବିଜେକଲ ।
ସବୁକାଳେ ତୁମ୍ଭେମାନେ ଥାଅ ପରହିତେ

ପ୍ରଳୟ-କାଳକୁ ଆସି ନୌକା ହେଲେ ମୋତେ
କହ ଏବେ ଭବବାରି କିରୂପେ ତରିବି
ଯାହା କର୍ଣ୍ଣରେ ଶୁଣିଲେ କୃତାର୍ଥ ହୋଇବି ।
କହିବା ହେଉ ସେ କଥା ଫେଡ଼ିକରି ମୋତେ
ପରୀକ୍ଷ ବଚନ ଶୁଣି ସର୍ବ ତପୋବନ୍ତେ ।
ଏକକୁ ଆରେକ ହ୍ୱନ୍ତି ମୁଖ ଚହାଁଚାହିଁ
ଶ୍ରୀ ମହାରାଜା ଛାମୁରେ କେ ପାରିବ କହି ।
କାହାକୁ କିସ ଆସଇ କାବ୍ୟ ଖଣ୍ଡେ ଖଣ୍ଡେ
କେହୁ ଅବା ପଢିଥିବ ବେଦ ତିନିକାଣ୍ଡେ ।
କେହି ଅବା ପଢିଥିବ ମନ୍ତ୍ର ଭାଗଯାକ
ଏ ମହା ସଭାରେ କେହୁ ହେବ ପୌରାଣିକ ।
ଏରୂପେ ଋଷି ବିଚାର କଲେ ଜଣେ ଜଣେ
ବଶିଷ୍ଠ ବୋଲନ୍ତି ଶୁଣ ଆହେ କୁରୁରାଣେ ।
କେବଳ ଶ୍ରୀହରି ନାମ ସଂସାରକୁ ମୂଳ
ଆଉ ଯେତେ କଥାମାନ ସବୁହିଁ ବିଫଳ ।
ପୁତ୍ରଦାରା ଦାସ ଦାସୀଧନ ଘର ଦ୍ୱାର
ଲୋଭରେ ପଡ଼ିଣ ପ୍ରାଣୀ ବୋଲେ ମୋର ମୋର
ଧନ ଜନ ସମ୍ପଦ ସେ ଯେତେ ଅର୍ଜିଥାଏ
ଗଲାର ବେଳକୁ ଏଥୁ ନ ନିଏ ଚିନାଏ ।
ମଞ୍ଜେ ଜନ୍ମ ହେଲା ମାତ୍ରେ ମୁହାଁସ ଲାଗଇ
ହରିନାମ ନ ଧରିଣ ବ୍ୟର୍ଥେ ଦିନ ଯାଇ ।
ଏ ହରିନାମ ମହିମା ଏମନ୍ତ ଅଟଇ
କୋଟି ଗୋଦାନ ଗ୍ରହଣକାଳେ ଯେବେଦେଇ
ଅୟୁତ କଳପ ସ୍ନାନ ଗଙ୍ଗାଜଳେ କଲେ
ମେରୁ ଗିରିର ସମାନ ସ୍ୱର୍ଣ୍ଣ ଦାନ ଦେଲେ ।
ବାରବ୍ରତ ଗଙ୍ଗା ଗୟା ଆଦି ତୀର୍ଥ କରି
ତିଳାର୍ଦ୍ଧେ ନୁହେଁ ଗୋବିନ୍ଦ କୀର୍ତ୍ତନକୁ ସରି ।
ତୁ ଏବେ ଏହି ବଚନ ହେତୁ ରଖି ଘେନ
ଶୁକମୁନି ପାଦେ ସେବି ଶୁଣ ତୁ ପୁରାଣ ।
ଅଟନ୍ତି ସେ ସର୍ବଶାସ୍ତ୍ରେ ବେତ୍ତା ବ୍ରହ୍ମଦେହୀ
ନିର୍ଗୁଣବନ୍ତ ପୁରୁଷ ନିର୍ମାୟା ନିର୍ମୋହୀ ।
ଲୋଭ ମୋହ କାମ କ୍ରୋଧ ମଦ ମତ୍ସରାଦି
ହିଂସା ଅପବାଦ ମାୟା ଆଦି ସର୍ବ ଛେଦି ।
ସେ କହିବେ ତୋର ମନ ଜାଣି ବିଷ୍ଣୁଲୀଳା
ଭୋ ରାଜନ ଏ କଥାରେ ନ କର ତୁ ହେଳା
ବିଷ୍ଣୁର ମହିମା ଅଛି ଅନେକ ପ୍ରକାର
ଶ୍ରୀନୃସିଂହ ପୁରାଣକୁ କେବଳ ପ୍ରଚାର ।
ଏହି ପୁରାଣେ ବିଷ୍ଣୁର ସବୁ ଲୀଳା ଅଛି
ହରି ରାମ କୃଷ୍ଣଙ୍କର ଯା ପାରିବୁ ପୁଚ୍ଛି ।
ହରି ବୋଲିବା ନାମଟି ନୃସିଂହେ ପ୍ରବର୍ତ୍ତେ
ସେହି ନୃସିଂହଟି ରାମ ଅବତାର ମର୍ତ୍ତ୍ୟେ ।
ସେହି ରାମଟି ଲେଉଟି କୃଷ୍ଣ ହେଲେ ଜାଣ
ବ୍ରହ୍ମା ତାରକା ସମ୍ବାଦ ପ୍ରତ୍ୟକ୍ଷ ତୁ ଶୁଣ ।
ଶୁକମୁନି ଏକା ତୋରେ ପାରିବେ ଯେ କହି
ସବୁ ପୁରାଣ ତାହାଙ୍କୁ ବ୍ୟାସଛନ୍ତି କହି ।
ବଶିଷ୍ଠ କହିଲେ ଯହୁଁ ଏସନକ ବାକ୍ୟ
ବେନିକର ଯୋଡ଼ି ପୁଣି ପୁଛନ୍ତି ପରୀକ୍ଷ ।
ଆହେ ମୁନିବର ମୋତେ ଲାଗିଲା ସଂଶୟ
ସମସ୍ତ ଋଷି ମୋତେ ତ ଦିଶ ବ୍ରହ୍ମମୟ ।
ଜଣ ଜଣକେ ଚିନ୍ତିଲେ ସୃଷ୍ଟି କରିପାର
ଶୁକଙ୍କୁ କାହିଁକି ଏତେ ଟେକିଲ ସଭାର ।
ସେ ଶୁକଦେବ ଅଟନ୍ତି କାହାର ତନୟ
କେଉଁ ସକାଶୁଁ ହୋଇଲେ ସେହି ବ୍ରହ୍ମମୟ
ଫିଟାଇଣ କହ ମୋତେ ଏଥିର ସନ୍ଦେଶ
ରାଜାର ବାକ୍ୟେ କହନ୍ତି ବଶିଷ୍ଠ ତାପସ ।
ବୋଇଲେ କହିବା ଶୁଣ ଆହେ ଦଣ୍ଡଧାରୀ
ପୂର୍ବେ ପିତାଏ ରସିଲେ ଉର୍ବସୀ ସୁନ୍ଦରୀ ।
ତହିଁରୁ ପୁଣି ଆମ୍ଭେଟି ହୋଇଲୁ ଉତ୍ପତ୍ତି

ଆମ୍ବର ମନୋହାରିଣୀ ହେଲେ ଅରୁନ୍ଧତୀ ।
ତାହାଙ୍କ ଗର୍ଭୁ ଜନ୍ମିଲେ ଶକ୍ତି ମହାମୁନି
ସେହିତ ପୁଣି କୋଳେକ ରମିଲେ କେଲୁଣି ।
ତହିଁ ପରାଶର ମୁନି ହେଲେ ଉତପତ୍ତି
ସେହି ପୁଣି ସମୟେକ ରମିଲେ କୈବର୍ତ୍ତୀ ।
ସେ କଇବର୍ତ୍ତୀ ଉଦରୁ ବେଦବ୍ୟାସ ଜନ୍ମି
ବେଦବ୍ୟାସଙ୍କ ପୁତ୍ର ଏ ଶୁକ ମହାମୁନି ।
ଏ ଶୁକମୁନି ଲେଖାରେ ଆମ୍ଭ ପଣନାତି
ନିର୍ମାୟାବନ୍ତ ପୁରୁଷ ବିଷ୍ଣୁରେ ଭକତି ।
ତାହାଙ୍କ ଜନ୍ମ କହିବା ଶୁଣ ରାୟ ଏବେ
ବ୍ରହ୍ମା ନାରଦ ସମ୍ବାଦ ଜାଣୁ କିଛିଆମ୍ଭେ ।
ସତ୍ୟବନ୍ତ ସବୁଠାରେ ଯଶୋବନ୍ତୀ ପୁରେ
ନୃସିଂହ ଗ୍ରନ୍ଥ ବ୍ରହ୍ମାଙ୍କୁ ନାରଦ ପଚାରେ ।
ବ୍ରହ୍ମା ସେ ପୁରାଣଯାକ ଅର୍ଥ କରୁଥିଲେ
ତହିଁ ଶୁକଜନ୍ମ ଆମ୍ଭେ ଶୁଣିଅଛୁ ଭଲେ ।
ଏହା ଶୁଣି ପରୀକ୍ଷିତ ମୁନିପାଦ ଧରି
ବୋଇଲେ ସେ କଥା ମୋତେ କହନ୍ତୁ ବିସ୍ତାରି
ପୀତାମ୍ବର ଦାସ ବୋଲେ ଶୁଣ ଏ ପୁରା
ମୋହର ଶରଣ ଏକା ଶ୍ରୀ ରଙ୍ଗାଚରଣ ।

**ନୃସିଂହ ପୁରାଣ ମାହାତ୍ମ୍ୟ**

ପରୀକ୍ଷିତ ବାକ୍ୟେ ଶୁକ ବୋଇଲେକ ଶୁଣ
ସବୁଗ୍ରନ୍ଥ ସାର ଏହି ନୃସିଂହ ପୁରାଣ ।
ବ୍ରହ୍ମାଙ୍କ ଛାମୁରେ ବସି କହନ୍ତି ନାରଦ
ଆହେ ପିତା ଜନ୍ମିଲା ଏ ଗ୍ରନ୍ଥ କାହୁଁ ଆଦ୍ୟ ।
ବିଧାତା ବୋଇଲେ ବାବୁ ପଚାରିଲୁ ଯାହା
ବ୍ୟାସ ଆସୁ ଆସୁ ଗର୍ଭୁ ଉଚ୍ଚାରିଲେ ଏହା ।
ନୃସିଂହ ମହିମାଯାକ ପୁରାଣ ବାନ୍ଧିଲେ
ପ୍ରଥମରୁ ମୂଳବୀର୍ଯ୍ୟ ସେ ଗ୍ରନ୍ଥ ହୋଇଲେ ।
ଭୂମିରେ ପଡ଼ନ୍ତେ ପୁଣି ବାନ୍ଧିଲେ ସେ ଗ୍ରନ୍ଥ
ଶୁଣ ତୁମ୍ଭେ ବ୍ୟାସଙ୍କର କେଡ଼େ କରାମତ ।
ନାରଦବୋଇଲେ କିମ୍ପାହେଲେ ସେହି ଯୋଗ୍ୟ
ବ୍ରହ୍ମା ବୋଇଲେ କହିବା ଶୁଣ ତାଙ୍କ ଭାଗ୍ୟ ।
ବାପମାଏ ଯେତେବେଳେ ତାଙ୍କୁ ଜାତକଲେ
ଲଗ୍ନ ମୁହୂର୍ତ୍ତ ଧରିଣ କେଳି ଆରମ୍ଭିଲେ ।
ବିଷ୍ଣୁ ଆସି ଜନ୍ମୁ ବୋଲି ମନେ ବିଚାରନ୍ତେ
ପାଦେ ଲଗ୍ନ ଘୁଞ୍ଚି ଗଲା ଆହେ ତପୋବନ୍ତେ ।
ତିନିପାଦ ମଧ୍ୟେ ରେତ ପଡ଼ିଲାକ ଖସି
ତେଣୁକରି ବେଦବ୍ୟାସ ହୋଇଲେକ ଋଷି ।
ଲଗ୍ନ ଚାରିପାଦେ ଯେବେ ବୀର୍ଯ୍ୟ ଦେଇଥାନ୍ତେ
ସାକ୍ଷାତେ ସେ ବିଷ୍ଣୁ ରୂପେ ଜନ୍ମ ଲଭିଥାନ୍ତେ
ତିନିପାଦ ସକାଶରୁ ବେଦବ୍ୟାସ ହେଲେ
ଶୁଣ ହୋ ନାରଦ ଏହା ବିଧାତା କହିଲେ
ବେଦବ୍ୟାସ କୃତ ଏହିସବୁ ଶାସ୍ତ୍ର ଜାଣ
ଅଷ୍ଟାଦଶ ପୁରାଣ ଯେ ବାନ୍ଧିଲେକ ପୁଣ ।
ନୃସିଂହ ପୁରାଣ କଲେ ତାଙ୍କ ମଧ୍ୟେ ରାଜା
ତହିଁକି ବ୍ରହ୍ମପୁରାଣ ପାତ୍ରପଣେ ଖଞ୍ଜା ।
ମନ୍ତ୍ରୀପଣରେ ଖଟିଲେ ମାର୍କଣ୍ଡ ପୁରାଣ
ବଶିଷ୍ଠ ପୁରାଣ କଲେ ପ୍ରୋହିତ ବରଣ ।
ମତ୍ସ୍ୟପୁରାଣ ବେହେରା ମହାପାତ୍ର ହେଲେ
ସୈନ୍ୟବଳ ଛତ୍ର କୂର୍ମପୁରାଣକୁ କଲେ ।
ବରାହ ପୁରାଣ ହେଲେ ସର୍ବ ଅଧିକାରୀ
ପରିଛା କଲେ ବାମନ ପୁରାଣ ବିଚାରି ।
ବୀଣା ବଜାଇ ରହିଲେ ବାଗ୍‌ଦେବୀ ପୁରାଣ
ଲକ୍ଷ୍ମୀପୁରାଣ ସେବିଲେ ପ୍ରିୟା ହୋଇ ଜାଣ ।
ପଦ୍ମପୁରାଣ ନିଯୋଗ ଦେହେ ସେବାକାରୀ
ବ୍ରହ୍ମାଣ୍ଡ ପୁରାଣ ହେଲେ ସଭା ପଢ଼ିହାରୀ ।

ଏହା ଉତ୍ତାରୁ ଆବର ଯେତେକ ପୁରାଣ
ପରିଚାର ହେଲେ ରାଜା ପାଦରେ ରହିଣ ।
ଯେବଣ କାଳେ ହେଲେ ଏ ପୁରାଣ ପ୍ରକାଶ
କହିଯାନ୍ତି ବେଦବ୍ୟାସ ଲେଖନ୍ତି ଗଣେଶ ।
ନୃସିଂହ ପୁରାଣ କଲେ ଷାଠିଲକ୍ଷ ଗ୍ରନ୍ଥ
ତହୁଁ ବିଂଶଲକ୍ଷ ନେଇ ଦେଲେ ଦେବତାନ୍ତ
ଆବର କୋଡ଼ିଏ ଲକ୍ଷ ଦେଲେ ନାଗପୁରେ
ରଖିଲେ କୋଡ଼ିଏ ଲକ୍ଷ ମର୍ତ୍ତମଣ୍ଡଳରେ ।
ସେହୁ କୋଡ଼ିଏ ଲକ୍ଷରୁ ବାଛି ସାର ପୁଣ
କଲେ ସେ ପୁଣି ଭାରତ ଭାଗବତ ଜାଣ ।
ବାଲ୍ମୀକି ମୁନି ତହିଁରୁ କିଞ୍ଚିତ ନେଇଣ
ରାମାୟଣ ଗ୍ରନ୍ଥ କଲେ ଆହେ ନରରାଣ ।
ଋଷିମାନେ ତାହା ଜାଣି କଲେ ଯେ ପଠନ
ଶୁଣି ଜନଙ୍କର ହେଲା ପାତକ ନାଶନ ।
ଏଗାର ସହସ୍ରେ ମହାଭାରତ ଲେଖନ
ପଂଚସହସ୍ର ଶ୍ଳୋକରେ କଲେ ରାମାୟଣ ।
ଅଷ୍ଟାଦଶ ଶ୍ଳୋକେ କଲେ ଭାଗବତ ପୁଣ
ପନ୍ଦର ସହସ୍ର ଶ୍ଳୋକେ ନୃସିଂହ ପୁରାଣ ।
ଏଣୁ ନୃସିଂହ ପୁରାଣେ ପୁରାଣଙ୍କ ରାୟେ ।
ଶୁଣନ୍ତେ ଗୋହତ୍ୟା ବ୍ରହ୍ମହତ୍ୟା ପାପଯାଏ ।
ନୃସିଂହ ପୁରାଣ ଅଟେ ସାଗର ସମାନ
ଯେବଣ ଗ୍ରନ୍ଥ ଶୁଣନ୍ତେ ନଦଣ୍ଡେ ଶମନ ।
ନିର୍ମଳ ଚିତ୍ତେ ଶୁଣିଲେ ଏହା ଏକାବେଳେ
କୋଟି ଯାଗଫଳ ନିଶ୍ଚେଁ ଲଭେ ତତକାଳେ
ସଂକଳ୍ପ କରି ଶୁଣିଲେ ପୁତ୍ର ଜାତ ହୋଇ
ପୌରାଣିକଠାରେ ଏକା ଦକ୍ଷିଣାଟି ଦେଇ
କୋଟି ଜପ କୋଟି ତପ କୋଟି ବାରବ୍ରତେ
ଏଥି ଫଳ ଲଭଇ ଯେ ଶୁଣି ସୁଚିତ୍ତେ
ଗୋଘ୍ନ କୃତଘ୍ନ ପ୍ରଭୃତି ସୁରାପାନ ଦୋଷ
ପଞ୍ଚ ମହାପାତକ ଯେ ପୁଣି ହୋଏ ନାଶ ।
ଗୁରୁଦ୍ରୋହ ବାଳହତ୍ୟା ଯେ ମାତୃହରଣ
ଅଙ୍କେକେ ଶୁଣିଲେ ଏଥୁ ହୁଅନ୍ତା ଖଣ୍ଡନ ।
ଶ୍ରୀନୃସିଂହ ପୁରାଣ ଏହି ଫଳଶ୍ରୁତି
କୋଟି ଗଙ୍ଗାସ୍ନାନ ଫଳ ଏଥେ ପ୍ରାପ୍ତ ହୋନ୍ତି
ଯେଉଁ ନର ଶ୍ରୀନୃସିଂହ ପୁରାଣ ଶୁଣଇ
ଯମ କେତେବେଳେ ତାକୁ ଦଣ୍ଡି ନପାରଇ
ନୃସିଂହ ଗ୍ରନ୍ଥ ଶୁଣିଲେ ରଣେ ହୋଏ ଜୟ
ଆବର ହୁଅଇ ଏଥେ ଗ୍ରହରିଷ୍ଟ କ୍ଷୟ ।
ନୃସିଂହ ପୁରାଣ ଖଣ୍ଡେ ଅକାଳ ମରଣ
ଆବର ଜାତ ହୁଅଇ ତହୁଁ ତତ୍ତ୍ୱଜ୍ଞାନ ।
ଜଗତରେ ନରସିଂହ ପୁରାଣ ବିଦିତ
ମିଳଇ ଧର୍ମାର୍ଥ ମୋକ୍ଷ ଯେ ମନେ ବାଞ୍ଛିତ ।
କୋଟିବାର ସ୍ନାନ ଯେବେ କରି ଗଙ୍ଗାଜଳେ
ଏକା ନୃସିଂହ ପୁରାଣ ଶୁଣିଲେ ସେ ମିଳେ ।
କୋଟି ଜନ୍ମଯାକ ତପ କରିଲେ କାଶୀରେ
କିବା ପ୍ରାତେ ଝାସ ଦେଲେ ମଣିକର୍ଣ୍ଣିକାରେ ।
ଆବର କୋଟିଏ ତୀର୍ଥେ ସ୍ନାନ ଯେବେ କରି
ଏକା ନୃସିଂହ ପୁରାଣେ ସେ ନୁହଇ ସରି
ନୃସିଂହ ପୁରାଣ ଆମ୍ର ଆଉ ଶାସ୍ତ୍ର ପିଣ୍ଡ
ସମସ୍ତେ ତୃଷାର୍ତ୍ତ ଏହା ଅଟେ ସୁଧାକୁଣ୍ଡ ।
ଏହା ବିଚାରିଣ ଶୁଣ ନୃସିଂହ ପୁରାଣ
ଧନ ପୁତ୍ର ବାଞ୍ଛା ସିଦ୍ଧି ଲଭିଣ କାରଣ ।
ଅପମୃତ୍ୟୁ କ୍ଷୟ ପାଏ ରିଷ୍ଟ ଶାନ୍ତି ହୋଇ
ଜ୍ୱର ରୋଗ ପ୍ରମାଦ ଯେ କ୍ଲେଶ ବିନାଶଇ ।
କର ଅନୁଗ୍ରହ ମୋତେ କମଳା ବିଳାସ
ନ ପାଇ ଶରଣ ମାଗେ ପୀତାମ୍ବର ଦାଶ ।
ଶ୍ରୀନୃସିଂହ ପୁରାଣ ଏସନ ମହିମା
ଶୁଣ ହେ ବାବୁ ନାରଦ କହନ୍ତି ଯେ ବ୍ରହ୍ମା ।

ବ୍ରହ୍ମହତ୍ୟା ଦୋଷ ତୋର ନିଶ୍ଚେଁଯିବ ଏବେ
ହରିହର ବ୍ରହ୍ମ ଲୟ ଶୁଣିବୁ ତୁ ଯେବେ।
ପୁଣି ଜ୍ଞାନ ଉଦେ ହେବ ହୃଦୟେ ତୋହର
ସ୍ଥିରମନ ହୋଇ ଶୁଣ କହେ ପୀତାମ୍ବର।

**ମୁର ଓ ଦାରୁଣ ଦୈତ୍ୟ ଜନ୍ମ ବୃତ୍ତାନ୍ତ**

ଏଥୁ ଅନନ୍ତରେ ପୁଣି ପରୀକ୍ଷ ନୃବର
ଶ୍ରୀଶୁକ ମୁନି ଚରଣେ କଲେ ନମସ୍କାର।
କନ୍ଦର୍ପର ବିଭା ଶୁଣି ସନ୍ତୁଷ୍ଟ ହୋଇଲେ
ଲକ୍ଷେ ସୁବର୍ଣ୍ଣ ଦକ୍ଷିଣା ନେଇ ତାଙ୍କୁ ଦେଲେ।
ବୋଇଲେ ମୁର ଦାରୂଣ କଥା କହ ତୋଷେ
କିରୂପେ ବ୍ରହ୍ମାଙ୍କ ବୀର୍ଯ୍ୟେ ଜନ୍ମିଲେ ରାକ୍ଷସେ।
କେଉଁ ମାତା ଗର୍ଭରୁ ସେ ହେଲେ ଉତପତ୍ତି
ଏ କଥା କହେ ହେ ଆଗ ଫିଟୁ ମନୁ ଭ୍ରାନ୍ତି।
ଆଗକୁ କହିବି ବୋଲି ରଖାଇଲ ମୋତେ
ପ୍ରାଞ୍ଜଳି କରିଣ ତାହା କହ ମୋ ଅଗ୍ରତେ।
ଏହା ଶୁଣି ବୋଇଲେ ସେ ଶୁକ ତପୋବନ୍ତ
ଏହିଠାରୁ ଶୁଣ ଏବେ ଦୈତ୍ୟଙ୍କ ବୃତ୍ତାନ୍ତ।
ମୁର ଦାରୁଣ ବୋଲିଣ ଯେଉଁ ଦୁଇଭାଇ
ବ୍ରହ୍ମାଙ୍କର ବୀର୍ଯ୍ୟରୁ ସେ ଜାତହେଲେ ଯାଇ।
ଯେବଣରୂପେ ଜନ୍ମିଲେ ଶୁଣ ସେ ସମ୍ବାଦ
ବିଧାତା ଯେ କହୁଛନ୍ତି ଶୁଣ ହେ ନାରଦ।
ସ୍ୱର୍ଗରେ ବସନ୍ତେ ଇନ୍ଦ୍ର ଆସି ସଭାକରି
ତେତିଶକୋଟି ଦେବତା ଛନ୍ତି ସଙ୍ଗେ ଧରି।
କହିବା ଶୁଣ ସେ ଦେବଲୋକଙ୍କର ନାମ
ଆଦିତ୍ୟ ଚନ୍ଦ୍ର ବରୁଣ ଅଗ୍ନି ବାୟୁ ଯମ।
ଗନ୍ଧର୍ବ କିନ୍ନର ଯକ୍ଷ ରକ୍ଷ ପଂଚଭୂତ
ଶ୍ରୀବ୍ରହ୍ମା ବିଷ୍ଣୁ ମହେଶ ଋଷି ତପୋବନ୍ତ।
ଯୋଗ କରଣ ନକ୍ଷତ୍ର ବାର କାଳ ତିଥି
ଭୌମ ରାହୁ ଶନୈଶ୍ଚର ଶୁକ୍ର ବୃହସ୍ପତି।
କିନ୍ନରୀ ଗନ୍ଧର୍ବୀ ଅପସର ବିଦ୍ୟାଧରୀ
ଗଣିକାଗଣ ବସିଲେ ତହିଁ ସଭାକରି।
ଅମର ସିଂହାସନରେ ବସିଲେ ସେ ଆସି
ସଭା ଦେଖିଣ ନାରଦ ଇନ୍ଦ୍ରଙ୍କୁ ପ୍ରଶଂସି।
ବୋଇଲେ ଯେ କେଡ଼େ ଭାଗ୍ୟ ଅଟେ ବାସବର
ସଭାମଧ୍ୟେ ବିଜେ କରିଛନ୍ତି ଦାମୋଦର।
ବିଧାତା ବରୁଣ ଋଷି ଦେବଗଣ ଆଦି
ମହା ସମ୍ଭର୍ବରେ ବିଜେ ଶିବ ସନକାଦି।
ଆବର କିନ୍ନରୀବୃନ୍ଦ ଅପସରାଗଣେ
ଏ ସଭାରେ ଶୋଭା ପାଉଛନ୍ତି ଜଣେ ଜଣେ।
ଧନ୍ୟ ଏ ଅମରାବତୀ ଧନ୍ୟ ସୁରପୁର
ଦ୍ୱିତୀୟ ବୈକୁଣ୍ଠ ଭୋଗ କରେ ପୁରନ୍ଦର।
ଏରୂପେ ମନରେ ପାଞ୍ଚି ନାରଦ ମହର୍ଷି
ବାସବ ମୁଖକୁ ଚାହିଁ କହନ୍ତି ପ୍ରଶଂସି।
ବୋଲନ୍ତି ଆହେ ବାସବ ଧନ୍ୟ ତୋର ସଭା
ଦେଖ ବସିଛନ୍ତି ଏଥେ କେତେ ନବଯୁବା।
ଏଡ଼େ ସୁନ୍ଦରୀ ସୁନ୍ଦରପଣ ଥାଉଁ ଥାଉଁ
ବ୍ୟର୍ଥେ ବସିଛନ୍ତି ନୃତ୍ୟ କିମ୍ବା ନ କରାଉ।
ଆମ୍ଭେ ସମସ୍ତେ ବୃକ୍ଷଙ୍କ ପ୍ରାୟେ ଅଛୁ ବସି
ମିଟିମିଟି ଚାହୁଁଛୁ ନ ସରେ ଦିବାନିଶି।
ଏରୂପେ କୌତୁକ କରି କହନ୍ତେ ନାରଦ
ହସିଲେ ନାଗରୀମାନେ ହୋଇଣ ଆନନ୍ଦ।
ସ୍ତିରୀଏ ହସନ୍ତେ ହାସ୍ୟ କଲେ ସଭାଯାକ
ସଭାଜନ ହସନ୍ତେ ହସିଲେ ଦେବଲୋକ।
ହସିଲେ ଦେବଙ୍କ ହସ ଦେଖି ହରିହର
ହରିହର ହସ ଦେଖି ହସେ ପୁରନ୍ଦର।
ହସିଲେ ବାସବ ହସ ଦେଖି ସର୍ବଋଷି
ଋଷିଏ ହସନ୍ତେ ହାସ୍ୟ କଲେ ପୋଟଯୋଷୀ।
ଆବର ସଭାରେ ବସିଥିଲେ ଯେତେ ଲୋକ

ସେମାନେ ରହସ୍ୟ ଶୁଣି କରନ୍ତି କୌତୁକ ।
ଏରୂପେ ହୁଅନ୍ତେ ସଭା ମଧ୍ୟେ ହସଗୋଷ୍ଠୀ
ନ ହସି ବସିଅଛନ୍ତି ଏକା ପରମେଷ୍ଠୀ ।
ଈଶ୍ୱର ତାହା ଦେଖିଣ ଚମତ୍କାର ହେଲେ
କାହିଁକି ବ୍ରହ୍ମା ନ ହସି ରହିଲେ ବୋଇଲେ ।
ମନେ ମଧ୍ୟେ କିନ୍ତୁ ବହି ଇନ୍ଦ୍ରେ କରି ରୁଷ୍ଟ
ବୋଇଲେ ଆଜ କରାଅ ବେଗେ ଏଥି ନାଟ
ଅପସରୀଏ କହିଲେ ମନେ ମନେ ହସି
ସଖୀଙ୍କୁ ବୋଇଲେ ନୃତ୍ୟ କର ଶୁଭ୍ରକେଶୀ ।
ଶୁଣି ସେ ସ୍ତିରୀଏ ହେଲେ ନୃତ୍ୟରେ ଯେ ବଶ
ଅଳପେ ରାଗ ଟେକିଲେ ହୋଇ ହସ ହସ ।
ତାଳ କଂସାଳ ମର୍ଦ୍ଦଳ ଚୁମ୍ବିଲେ ବଇଁଶୀ
ଅପାଙ୍ଗ ଅଧରେ ବୀଣା ବାଇ ନାଦ ଘୋଷି ।
ବଜାଇଲେ ସେ ଡମ୍ବରୁ ଆଦି ନାନା ବାଦ୍ୟ
ଅନେକ ରହସ୍ୟେ ନୃତ୍ୟ କଲେ ନାରୀବୃନ୍ଦ ।
ଚିତ୍ରସେନ ଗନ୍ଧର୍ବ ଯେ ଧରି ତହିଁ ତାଳ
ବଜାଇଲେ ବିଶ୍ୱାବସୁ ସେଠାରେ କଂସାଳ ।
ମର୍ଦ୍ଦଳ ଧରି ଅଙ୍ଗାରପନ୍ନଗ ଯେ ପିଟି
ତୁମ୍ବୁରୁ ବିପଞ୍ଚି ବାଦ୍ୟ ବଡ଼ାଇ ଚହଟି ।
ସୁରସେନ ଗନ୍ଧର୍ବ ଯେ ଟେକେ ବେଣୁ ନାଦ
ଚାଳଇ ସେ ଜୟସେନ ବୀଣା ମନ୍ତ୍ରବାଦ୍ୟ ।
ବଜାଇଲା ମେଘନାଦ ସୁସ୍ୱର ବାଜେଣି
ଆଖିଛଟା ମାରି ନାଚ ନାଚନ୍ତି ତରୁଣୀ ।
ଆଉ ଯେତେକ ଗନ୍ଧର୍ବ ଧରି ପଡ଼ିତାଳ
ଗାନ୍ଧାର ଦିଶାରେ ରାଗ ଟେକନ୍ତି ମୃଦୁଳ ।
ସୁସ୍ୱର ଧ୍ୱନି ସପତମାର୍ଗେ ବୀଣା କଲେ
ଚଞ୍ଚୁପୁଟ ଚାଞ୍ଚ ପୁଟ ଶୁଭେ ନିରନ୍ତରେ ।
ବସିଲେ ଛଅଶ ଛୟାଣୋଇ କରି ତାନ
ବୟାଳିଶ ଚାଳକରେ ଟେକେ ରାଗମାନ ।
ଆଖି ଲତିକା ତେପନବାଅସ୍ତରି ଭଙ୍ଗି
ଚୌରାଶୀ ଚାହାଣି ପ୍ରେମ ଚଉରାଶୀ ଲାଗି ।
ଚଉବନ ଆଳାପନେ ଖଞ୍ଜି ପଂଚଧାତୁ
ଏକାଦଶୀ ରସନାରେ ବୟାଶୋଇ ତନ୍ତୁ ।
ତିନିଶତ କାଛେଣୀରେ ଛତିଶ କବାଟ
ବାଅସ୍ତରି ବସାଣରେ ଶତ ପରିପାଟ ।
ଏମନ୍ତ ରହସ୍ୟ ମାର୍ଗେ ଭାବେ ଗଲେ ନାଚି
ଭଉଁରୀକି ଚାହାଣୀକି ଚାହିଁଲେ ମୋହୁଛୁ ।
ଏ ଅଂଶରେ ଆଉ ଲୋକେ ନାଚି ନପାରନ୍ତି
ଦିକ୍‌ପାଳ ଆଦି ବ୍ରହ୍ମାଣ୍ଡେ ଯେତେକ ଅଛନ୍ତି ।
ହର ଏକା ସେ ତାଣ୍ଡବ ନୃତ୍ୟଖଣ୍ଡ ଜାଣେ
ଇନ୍ଦ୍ରକୁ କହି ମନାଇ ଅଛନ୍ତି ଆପଣେ ।
ଏକେତ ସ୍ୱର୍ଗ ସୁଧର୍ମା ସଭା ସେହି ଅଟେ
ତହିଁରେ ନାଗରୀ ପଶିଅଛନ୍ତି ଯେ ନାଟେ ।
କିନ୍ନରୀ ଅପସରୀ ଆଦି ଯେତେ ନବଯୁବା
ସବୁହୁଁ ଶତଗୁଣରେ ଉର୍ବଶୀ ଯେ ଶୋଭା ।
ଏକଦୃଷ୍ଟିରେ ସମସ୍ତେ ଥା'ନ୍ତି ତାକୁ ଚାହିଁ
ଉରୁ ଜାନୁ ସ୍ତନ ଦେଖି ଦେଉଥାନ୍ତି ମୋହି ।
ସବୁହୁଁ ଶ୍ରେଷ୍ଠ ଅଟଇ ଉର୍ବଶୀର ନାଟ
ଅନେକ ମାର୍ଗରେ ତାଳ ଧରିବାରୁ ଶ୍ରେଷ୍ଠ ।
ନିରୀକ୍ଷ ଚାହିଁ ଅଛନ୍ତି ସଭାଯାକ ତହିଁ
ଚକ୍ଷୁପଲକ ନ ଚଳି ନିଶ୍ଚଳେ ଅଛଇ ।
ଠାବ ନ ପାଇଣ ଥୋକେ ବସିଛନ୍ତି ତଳେ
କେ ବେନି ପାବଚ୍ଛେ କେହି ଚାହେଁ ନୃତ୍ୟଭୋଳେ
କାନ୍ଥ ବାଡ଼ରେ ଆଉଜି ଦେଖୁଥାନ୍ତି ଜନେ
କେ କାହାର ପଛେ ରହି ଚାହାନ୍ତି ନୟନେ
ଅପୂର୍ବ ପ୍ରାୟ ତା ମଣି ଚାହାନ୍ତି ସକଳେ
ହେ ନାରଦ ମୁନି ଶୁଣ ଏଥୁ ଅନନ୍ତରେ ।
କାମଦେବ ସଭା ମଧ୍ୟେ ନ ଥିଲେ ଯେ ମିଳି

ସେ ମଧ୍ୟ ବାରତା ପାଇ ଶୀଘ୍ର ଆସେ ଚଳି ।
ଦେଖିଲା ପୂରିଛି ସଭା ସର୍ବେ ଛନ୍ତି ବସି
ତିଳ ପଡ଼ିବାକୁ ସ୍ଥାନ ସେଠାରେ ନ ଦିଶି ।
ପଥ ନ ପାଇ ନ ପାରେ ବସି କାମ ତହିଁ
ରହିଲା ସେ ଖଣ୍ଡେ ଦୂରେ ସଭାଯାକ ଚାହିଁ ।
କାମ ଆସିବାର ନାହିଁ କାହାରିକୁ ଜଣା
ସମସ୍ତେ ସେ ନୃତ୍ୟ ଦେଖି ହୋଇଛନ୍ତି ବଣା
କନ୍ଦର୍ପକୁ କେହି କାହିଁ କହୁ ନାହିଁ କଥା
ଏ ଘେନି ତାହାର ଅଙ୍ଗେ ପାଇଲାକ ବ୍ୟଥା
କେହିବସ ବୋଲିମୁଖେ ନବୋଲେ ସେବେଳେ
କାମ ଅଙ୍ଗୁ ଝାଳ ବହି ପଡୁଅଛି ତଳେ ।
ପିନ୍ଧିବା ଅଞ୍ଚଳେ ପୋଛିଦିଏ ଅଙ୍ଗୁ ସ୍ୱେଦ
କୋପଭରେ କମ୍ପୁଅଛି କନ୍ଦର୍ପର ହୃଦ ।
ମନେ ବିଚାରଇ ଏହା ଜଣା ତ ନ ଗଲା
କେବେହେଁ ବସବୋଲି ତ କେହି ନବୋଇଲା
ବୁଝିଲେ ତ ପାରି ହୁଏ ସବୁଙ୍କରି ପ୍ରାଣ
ରତିଜିତା ହ୍ୱନ୍ତି ପୁଣି ମୋହରି ବଳେଣ ।
ଏହିକ୍ଷଣି ସମସ୍ତଙ୍କୁ ଦହିପାରେ ମୁହିଁ
ବିନ୍ଧିଦେଲେ ପଞ୍ଚବାଣ ହୋଇଯିବେ ମୋହି ।
ମଦନେ ତରଳ ହୋଇ ପଳାଇବେ ଘୁଂଚି
ଦେଖଣାହାରୀ ଲୋକଙ୍କୁ ମାଇଲେ କି ଅଛି ।
ଆବର କରନ୍ତି ଅବା ଦେବତାଙ୍କୁ କୋପ
ପୁରାତନ ଦେହ ସେ ତ ନୁହନ୍ତି ସ୍ୱରୂପ ।
ଋଷିମାନଙ୍କୁ ବା ବାଣ ବିନ୍ଧନ୍ତି କଟାକ୍ଷି
ବସିଅଛନ୍ତି ସେ ଭଲପଣେ ହୋଇ ସାକ୍ଷୀ ।
ଦିଗପାଳଙ୍କୁ ବିନ୍ଧନ୍ତି ବାଣ ଅବା ଧରି
ସେ ଅଟନ୍ତି ମୋର ବିଡୋଜାର ସେବାକାରୀ
ବାସବଙ୍କୁ କି ବୋଲିବି ଅଟନ୍ତି ମୋ ବାପ
ସମ୍ପତ୍ତି ଭୋଳରେ ମାତି ସ୍ୱର୍ଗେ ହୋଇ ନୃପ ।

ସଭାରେ ସ୍ତିରୀଗୁଡ଼ାଙ୍କୁ ଆଣି ନଚାଉଛ
ଲାଜ ସରମ ତାହାଙ୍କ ଦେହେ ନାହିଁ କିଛି ।
ଲୋକ ନିନ୍ଦାକୁ ତାଙ୍କର ନାହିଁ କିଛି ଡର
ଦେଖି ଯୁବତୀଙ୍କ ଛବି ହସେ କର କର ।
ପିତା ନୋହିଥିଲେ ଆଜି ବୁଝନ୍ତି ତା ଭାବ
ଏକବାଣ ବିନ୍ଧିଦେଇ କରନ୍ତି ତ ଦ୍ରବ ।
ପିତାଙ୍କୁ ଲଘୁ କରିଲେ ଏ ସଭାରେ ମୋତେ
ନିନ୍ଦା କରିବେ ଆବର ସକଳ ଜଗତେ ।
ତାଙ୍କର ବୀର୍ଯ୍ୟରୁ ମୁହିଁ ହୋଇଅଛି ଜାତ
ତାହାଙ୍କୁ ଲଘୁ କରିଲେ ସରିବ ମହତ୍ତ୍ୱ ।
ତଥାପି ସଂସାରେ ଯେତେ ମୂର୍ଖପୁତ୍ର ଛନ୍ତି
ପିତାର ବୋଲ ନ ପାଳି ବ୍ୟର୍ଥେ ନାଶଯାନ୍ତି ।
କି ବୋଲି ବାପକୁ ମନ୍ଦ ପାଞ୍ଚିବି ଏଥିରେ
ସେହି ସିନା ହେଲା ଭୋଳ ସମ୍ପଦ ମଦରେ ।
ପ୍ରାଣୀଙ୍କି ସମ୍ପଦମଦ ଅନ୍ଧ କରଇ କି
ଲାଗି ଲାଗି ଲୋକପ୍ରାୟେ ପଳାଏ ସେ ଝିଙ୍କି ।
ପଦାର୍ଥ ଘେନି ଅଟଇ ସେହି ବଡ଼ଜଣ
ସତ୍ୟ ଅସତ୍ୟ ସେ କିଛି ନ ଜାଣଇ ପୁଣ ।
ରାଜଦ୍ୱାରେ ଶାଢୀବାନ୍ଧି କରେ ବଡ଼ପଣ
ବୋଲେ ଆମ୍ଭେ ପୃଥିବୀରେ ବଡ଼ ଏକା ଜାଣ ।
ଦେବତା ବ୍ରାହ୍ମଣ ସାଧୁ ସୁବୁଦ୍ଧି ଜନଙ୍କୁ
କେତେ କେତେ ବଚନ ନ କହେ ମାନି ତାଙ୍କୁ ।
ଆପଣାର ଗୁଣ କହି ଆପେ ହୁଏ ଟେକି
ନାଶଇ ମୂର୍ଖପଣକୁ କହି ସେ ପ୍ରାଣୀଙ୍କି ।
ଉଶ୍ୱାସ ବୃଦ୍ଧିରେ ସେହୁ ଅଳ୍ପେ ଯାଇ ନାଶ
ନ ଲାଗନ୍ତି ସ୍ତିରୀତୁଲେ ପଣ୍ଡିତ ପୁରୁଷ ।
ସେ ବାସବ ବସ ବୋଲି ବୋଲିବ କାହିଁକି
ଏତେ ବୋଲି ସଭାକୁ ସେ ଚାହିଁଲା ନିରେଖି ।
ଯୁବତୀମାନଙ୍କୁ ଚାହିଁ ବଶ ପୁଣି ହେଲା

ପୁଣି ଶାନ୍ତଗୁଣେ ଚାହିଁ ମନେ ବିଚାରିଲା।
ବୋଇଲା ଭେକ ପ୍ରାୟେ ଏ ମରୁଛନ୍ତି ଡେଇଁ
ମୁଁ ନିଶ୍ଚେ ବିନ୍ଧିଲେ ବାଣ ହେବେ କାମେ ଦହି
ଗଣିକା ତୁଲେ ତ ଲେଖା ଅଟନ୍ତି ଏମାନେ
ଯେ ଧନ ଦିଏ ଖଟନ୍ତି ତାଙ୍କୁ ପ୍ରତିଦିନେ।
ଦେହ ସମର୍ପି ଧରନ୍ତି ତାଙ୍କୁ କୋଳକରି
ବସନ୍ତି ଚାଟୁ କହିଣ ଅଲକ୍ଷିତେ ମାରି।
ଛାର ପଦାର୍ଥ ନିମନ୍ତେ ପରେ ଦେହ ଦ୍ୟନ୍ତି
କୁଜନ ତୁଲରେ ଭ୍ରମି ପରେ ଘାଣ୍ଟି ହୋନ୍ତି।
ଏ ଛାରଲୋକଙ୍କୁ କୋପ କଲେ ହେବ କିସ
ନ ଲାଗନ୍ତି ସ୍ତିରୀ ତୁଲେ ପଣ୍ଡିତ ପୁରଷ।
ଏ ରୂପେ ମନରେ ପାଞ୍ଚି ରତିର ରମଣ
ଦେଖିଲେ ସଭାରେ ବସିଛନ୍ତି ନାରାୟଣ।
ହୃଦରେ ପାଞ୍ଚିଲେ ଆଜି ମୋର କେଡ଼େଭାଗ୍ୟ
ଶ୍ରୀବିଶ୍ୱନାଥଙ୍କର ମୁଁ ଦେଖିଲି ଶ୍ରୀଅଙ୍ଗ।
ଅଶେଷ ଚିନ୍ତାରେ ମଣି ଯେଉଁ ବନମାଳୀ
ସେ ପୁଣି ନୃତ୍ୟରେ ଭୁଲି ଦେଖେ ଢଳି ଢଳି।
ଯାବତ ଜୀବସ୍ୱରୂପ ଯାର ହୃଦୁଁ ଜାତ
କ୍ଷଣକେ ପ୍ରଳୟ କରି ସଞ୍ଚଇ ଜଗତ।
ହେଉ ବୋଲନ୍ତେ ଯାହାର ହୁଏ ନବସୃଷ୍ଟି
ମୁହୂର୍ତ୍ତକରେ ବ୍ରହ୍ମାଣ୍ଡ ଗଢେ କୋଟି କୋଟି।
ଯେଉଁ ନିତ୍ୟସ୍ଥଳେ ଅଛି ରାସ ଯଜ୍ଞବେଦୀ
ଦର୍ଶନ ନ ପାନ୍ତି ତାହା ଋଷି ସନକାଦି।
କରନ୍ତି ଚୌଷଠିସସ୍ର କନ୍ୟା ଯହିଁ ନୃତ୍ୟ
ତାହା ଛାଡ଼ି ଦେଖ ଏଥେ ଅଛନ୍ତି ଅଚ୍ୟୁତ।
ଯେଉଁ ପ୍ରଭୁର ସର୍ଜିଲା ଅଟେ ମୋର ଦେହୀ
ବସ ବୋଲି ମୋତେ ସେହୁ ବୋଲିବେ କିପାଇଁ
ଏହି ରୂପେ ମନେ ମନେ ପାଞ୍ଚି କାମଦେବ
ଦେଖିଲା ବସିଅଛନ୍ତି ନୃତ୍ୟେ ମହାଦେବ।
ବୋଇଲା ବିନ୍ଧନ୍ତି ଏହି ପ୍ରଭୁଙ୍କୁ ମୁଁ ବାଣ
ମହାମଣ୍ଡି ଭୋଳାନାଥ ଅଟେ ଏ ଆପଣ।
ପତ୍ନୀଙ୍କୁ ଏ କୋଳେ ଘେନି ଅନୁକ୍ଷଣେ ଥାନ୍ତି
କ୍ଷଣେ ନ ଦେଖିଲେ ବଣା ହୁଅନ୍ତି ପାର୍ବତୀ।
ସେ ସଙ୍ଗ ଛାଡ଼ି କିରୂପେ ଏବେ ମହାଦେବ
ଏ ନୃତ୍ୟେ ବସିଅଛନ୍ତି ଏ ତ ଅସମ୍ଭବ।
ଏହାଙ୍କୁ ବା କୋପ କଲେ ହେବ ମୋର କିସ
ଏତେ ବୋଲି କରେ ଧରି ଆଉଁଷିଲା ନିଶ।
ଦେଖିଲା ସଭାରେ ବସିଛନ୍ତି ବେଦବର
ପାଞ୍ଚିଲା ଏହୁ ଅଟନ୍ତି ମୋହର ଶ୍ୱଶୁର।
ଦେଖ ଏଡ଼େ ପୁରାତନ ପୁରୁଷ ଯେ ଆସି
ସ୍ତରୀଲୁଚା ଘେନି ନୃତ୍ୟ କରୁଛନ୍ତି ବସି।
ବ୍ରହ୍ମାପରା ପୁରୁଷ ଏ ରୂପ ଯେବେ ହେଲା
ଯୁବତୀ ବୃନ୍ଦଙ୍କୁ ଦେଖି ମୋହିତ ହୋଇଲା।
ଉର୍ବଶୀଙ୍କୁ ଦେଖି ବସିଅଛି ଏକା ହଟି
ପାଚିଲା ନିଶକୁ ମୋଡ଼ି ଚାହେଁ ମିଟିମିଟି।
ସୁରତିକୁ ଏହାଙ୍କର ବଳିଅଛି ମନ
ତେଣୁକରି ଏହୁ ମୋତେ ନ ଦେଲେ ଆସନ
ତଥାପି ସେ ବସ ବୋଲି ନ ବୋଇଲେ ବଳେ
କେତେବେଳୁଁ ଉଭା ମୁହିଁ ହୋଇଅଛି ତଳେ
ଭଲ ଆଦର କରନ୍ତି ମୋତେ ବେଦବର
କେମନ୍ତେ ବୋଲିବେଟି ଏ ମୋହର ଶ୍ୱଶୁର।
ଏ ସ୍ଥାନେ ତାହାଙ୍କୁ ଲଜ୍ଜା ଦ୍ୟନ୍ତି ସିନା ମୁହିଁ
ମିଟିମିଟି ଚାହାନ୍ତି ପାଚିଲା ଥୋଡ଼ ବହି।
ଏତେ ପାଞ୍ଚି ମହାକ୍ରୁଦ୍ଧ ହୋଇଣ କନ୍ଦର୍ପ
ଆମଞ୍ଚନ କଲା ଖରେ ବହି ଫୁଲଚାପ।
ଆକର୍ଷି ପଞ୍ଚ ବାଣକୁ ପୁରାଇଲା ଆଣି
ବିନ୍ଧିଲା ସେ ବିଧାତାଙ୍କୁ ତାଙ୍କ ମନ ଜାଣି।
ଭେଦିଲା ସେ ପଞ୍ଚଶର ବ୍ରହ୍ମାଅଙ୍ଗେ ଯାଇ

ଉଠିଲେ ତହୁଁ ବିଧାତା କାମେ ମତ୍ତ ହୋଇ ।
ଆଚାର ବିଚାର ନିନ୍ଦା ସବୁ କଲେ ତ୍ୟଜ୍ୟ
ଦିବସକାଳ ବୋଲି ନକଲେ ମନେ ଲଜ୍ଜା ।
ଉଠିଲେ ବିହ୍ୱଳ ହୋଇ କାମ ଅସମ୍ଭାଳେ
ଯାଇ ଉର୍ବଶୀକୁ ବଳେ ଧଇଲେ ସେ କୋଳେ
ଯେତେ ଭାବେ ସୁରପତି କ୍ରୀଡ଼ା ଥିଲା ସଞ୍ଚି
ତେତେ ପ୍ରକାରେ ସେ କ୍ରୀଡ଼ା କଲେ ପିତା ସଞ୍ଚି
କ୍ରୀଡ଼ା ଶେଷେ ଜାତହେଲେ ବେନି ଯେ ତନୁଜ
ସଇନ୍ଦୁ ସେ ପୁତ୍ର ବେନି ବହି ମହାତେଜ ।
ଧାତାଙ୍କଠାରୁ ଜନମ ହେଲେ କିସ ହେବ
ଅଶୁଭ ଲଗ୍ନ ବେଳାରୁ ହେଲେ ସେ ଦାନବ ।
ଆଷାଢ଼ ଶୁକଳପକ୍ଷ ପଞ୍ଚମୀ ତିଥିରେ
ଜନ୍ମିଲେ କୁମର ବେନି ଉର୍ବଶୀ ଉଦରେ ।
ଉତ୍ପତ୍ତି ଦ୍ୱାରେ ପ୍ରକାଶି ପଡ଼ନ୍ତେ ଭୂମିର
କାନ୍ଦନ୍ତେ କୁହାଟି ହୋଇ ଉଛୁଳେ ତ୍ରିପୁର ।
କମ୍ପିଲା ପ୍ରଥମ ରଡ଼ିଘାୟେ ସ୍ୱର୍ଗଯାକ
ଦ୍ୱିତୀୟ ରଡ଼ି ଘାତରେ କମ୍ପେ ମର୍ତ୍ତଲୋକ
ତୃତୀୟ ରଡ଼ିର ଘାତେ ମେଦିନୀ କମ୍ପିଲା
ଦଶଦିଗବ୍ୟାପି ଧୂମମୟ ଦେଖାଗଲା ।
ସପତ ସାଗର ଆଦି ମେରୁଗିରି ଯାଏ
ବିକଟ ନାଦରେ ସବୁ କମ୍ପମାନ ହୁଏ ।
ପବନ ଯେ ଥମିଯାଇ ରହିଲା ଆକାଶେ
ଭୂମିରେ ନିର୍ଜୀବ ହୋଇ ପଡ଼ିଲେ ମନୁଷ୍ୟେ ।
ଯାବତ ଦିକ୍‌ପାଳେ ଢଳି ପଡ଼ିଲେକ ସ୍ଥାନୁ
ଯୋଗାଧିପୁରୁଷେ ଟଳି ପଡ଼ିଲେ ଆସନୁ ।
ଗର୍ଭେ ରହିଥିବା ପୋଏ ପଡ଼ିଲେ ଗର୍ଭରୁ
ଚେତନା ଯେ ବୁଡ଼ିଗଲା ସଭିଙ୍କ ଶରୀରୁ ।
ପୃଥିବୀ ସହି ନପାରି କରଇ ରୋଦନ
ଦିଗପାଳମାନେ ହୋଇଗଲେ ଜ୍ୟୋତିହୀନ ।
କମ୍ପିଗଲେ ପୁତ୍ରକୋପ ଦେଖି ପରମେଷ୍ଠୀ
ମନେ ଭୟ କରି ବୁଜିଲେକ ବେନି ଦୃଷ୍ଟି ।
ଚକ୍ଷୁ ମେଲିଣ ପୁଣିହିଁ ଚାହାଁନ୍ତେ ନିରୋଳି
ଦେଖିଲେ ପିଙ୍ଗଳ ଦିଶେ ଦେହ ରୋମାବଳୀ
କଳାମେଘ ପ୍ରାୟେ କଳାଦିଶେ ଦେହଗୋଟା
ଅଗ୍ନିଯୁକ୍ତ ଗିରିପ୍ରାୟ ଦିଶେ ଅତି ମୋଟା ।
ପର୍ବତର ଖୋଳପ୍ରାୟେ ଦିଶଇ ନୟନ
ମ୍ପେୁର ସଦୃଶ ଦିଶେ ତାଙ୍କ ବେନି କର୍ଣ୍ଣ ।
ତାଳବୃକ୍ଷ ପ୍ରାୟ ଦୀର୍ଘ ଦିଶେ ନାସାଗୋଟି
ସିନ୍ଧୁ ଗରଜନ ପ୍ରାୟେ ନିଃଶ୍ୱାସ ପ୍ରକଟି ।
ପ୍ରସବ ହେବାମାତ୍ରକେ ଦିଶେ ଦନ୍ତ ଦୀର୍ଘ
ଲଙ୍ଗଳ ପତ୍ର ପରାୟେ ଦିଶେ ଜିହ୍ୱା ଅଗ୍ର ।
ପ୍ରଚଣ୍ଡ ରଡ଼ି ଛାଡ଼ିଣ ରୋଦଇ ତନୁଜ
କାଳଦଣ୍ଡ ପ୍ରାୟେ ଦିଶେ ତାର ବେନି ଭୁଜ
ଓସାର ହୃଦ ବିସ୍ତାର ଦିଶେ ତଳିପେଟ
କୁକ୍ଷି ଆବୋରି ଅନ୍ତର ଅତ୍ୟନ୍ତ ବିକଟ ।
ଯମ ଅର୍ଗଳି ପରାୟେ ଦିଶେ ବେନି ଜାନୁ
କୁଣ୍ଡଳି ବେନି ଦିଶି ଯେହ୍ନେ ଗିରିସନୁ ।
ମୁଷଳର ପ୍ରାୟେ ଦେଖାଯାଏ ପାଦମାନ
ଖଡ଼ଗ କୁନ୍ତ ପରାୟେ ଦିଶେ ନଖ କର୍ଣ୍ଣ ।
ଅତିହିଁ ଉଗ୍ର ହୋଇଣ ଜନ୍ମିଲେ ବାଳକ
ବ୍ରହ୍ମାଙ୍କ ମନରେ ଶଙ୍କା ଲାଗିଲା ଅନେକ ।
ପାଞ୍ଚିଲେ ଏ ପୃଥିବୀକି ହେବେ ନିଶ୍ଚେ ଭାରା
ସାଧୁ ସନ୍ଥଙ୍କ ଅନ୍ତକ ହେବେ ଏହି ପରା ।
ଏମନ୍ତ ହୃଦମଧରେ ପାଞ୍ଚି ବେଦବର
ଲେଉଟି ପୁତ୍ରେକ ଜନ୍ମ ହେଲା ତତପର ।
ଏକ ପୁତ୍ରେ ପୃଥିବୀ ତ ହୋଇଥିଲା ଗୁରୁ
ଦ୍ୱିତୀୟ ପୁତ୍ରକୁ ଦେଖି ନ ସହିଲା ମେରୁ ।
ଗଗନୁ ନିର୍ଘ୍ରାତ ତଳେ ପଡ଼ିଲା କି ଖସି

ଚନ୍ଦ୍ରମାମଣ୍ଡଳୁ ଜାଣ ତପନ ବରଷି ।
ଆଦିତ୍ୟ ମଣ୍ଡଳଯାକ ଦିଶିଲାକ କଳା
ପବନ ଅଙ୍ଗୁ ବହିଲା ଜାଣ ଅଗ୍ନି ଜ୍ୱାଳା ।
ଦିବସରେ ଦେଖାଗଲେ ତାରା ପନ୍ତି ପନ୍ତି
ନଭୋମଣ୍ଡଳୁ ରୁଧିର ଧାରା ବରଷନ୍ତି ।
ନଦୀ ନାଳ ପୋଖରୀଏ ନିର୍ଜ୍ଜଳ ଦିଶିଲେ
ପଳାଇ ଜଳଜନ୍ତୁ ଏ ସିନ୍ଧୁରେ ଲୁଚିଲେ ।
ଅଗ୍ନି ତେଜ ଜାଣ ଦେଖାଗଲା ଜ୍ୟୋତିହୀନ
ଜନ୍ତୁଏ ଅନ୍ତରେ ରହି ହ୍ୱନ୍ତି ଛନ୍ନ ଛନ୍ନ ।
ଯେ ଯହିଁ ଥିଲେ ରହିଲେ ତହିଁ ଚକ୍ଷୁ ବୁଜି
ଏରୂପେ ଦୁଷ୍ଟ ଦନୁଜ ଆସିଲେ ଉପୁଜି ।
ପୁତ୍ରଙ୍କୁ ଦେଖି ଉର୍ବଶୀ ହୋଇଲା ଆନନ୍ଦ
ଏଥୁଅନନ୍ତରେ ବାଣୀ ଶୁଣ ହେ ନାରଦ ।
ସଭାରେ କରନ୍ତେ ବେଦବର ଅନାଚାର
ତାହା ଦେଖି ଦେବେ ଚଳିଗଲେ ଯେଝାପୁର
ଈଶ୍ୱରେ ରହିଲେ ଖଣ୍ଡଦୂରେ ଏକା ବସି
ଶେଷରେ ଧାତା ମୁଖକୁ ଚାହିଁ ହସି ହସି ।
କହିଲେକ କରତାଳି ମାରି ବଳେ କଥା
ସଭାରେ ହସୁ ନ ଥିଲ ପରା ଚଉମଥା ।
ଯେତେବେଳେ ସଭାଯାକ ହସୁଥିଲୁ ଆମ୍ଭେ
ତୁମ୍ଭେ ପରା ବସିଥିଲ ତହିଁ ଚିତ୍ତଦମ୍ଭେ ।
ସେ ଦମ୍ଭପଣ ଦିଶିଲା ଏବେ ବେଦବର
ପୁତ୍ରକୁ ଲୁଚାଇ କାହିଁ ରଖିବୁ ଯେ ତୋର ।
ଲୋକଲଜ୍ଜା ନାହିଁ ଯାଅ ଯାଅ ଏବେ ଘେନି
ନୋହିଲେ ଦାଣ୍ଡରେ ହଟା ହେବ ପଦ୍ମଯୋନି
ଏରୂପେ ବୋଲି ହସିଲେ ହୋଇ କର କର
ଶୁଣିଣ ବସିଲେ ଲଜ୍ଜା ପାଇ ବେଦବର ।
କୋପ ବହି କନ୍ଦର୍ପକୁ ଦେଲେ ମହାଶାପ
ବୋଇଲେ ଆରେ ପାପିଷ୍ଠ ହୁଅ କଉଣପ ।
ଏ ଦେବ ସଭାରେ ମୋତେ ଏମନ୍ତ ତୁ କଲୁ
ଦିବସରେ ଦୋଷ ବୋଲି ମନେ ନପାଞ୍ଚିଲୁ ।
ଶ୍ୱଶୁର ବୋଲି ମୋତେ ନ କଲୁ ଉପରୋଧ
ଏଡ଼େ ମୂର୍ଖ ହୋଇ ତୁହି ଅର୍ଜିଲୁ ଅପ୍ରାଧ ।
କି ବୋଲି ଏ ଅପରାଧ କଲୁ ପଞ୍ଚଶର
ତୋହର ତୁଲେ ସେ ଦୈତ୍ୟ ଯାନ୍ତୁ ରବିତଳ
ଏ ରୂପେ କାମକୁ ଦ୍ୟନ୍ତେ ବ୍ରହ୍ମା ଅଭିଶାପ
ଶୁଣି ମନ୍ମଥ ବସିଲା ଯାଇ ମନସ୍ତାପ ।
କରଜୋଡ଼ି ଜଣାଇଲା ପୁଣି ଭୟଚିତ୍ତେ
ଏବେ ମୋକ୍ଷକର ଲୋକ ପିତାମହ ମୋତେ ।
ଏହି ଛାର କଥାକୁ ଯେ କଲ ମୋତେ କୋପ
ଜାଣୁ ଜାଣୁ ଧାତା ମୋତେ ଦେଲେ କେଡ଼େଶାପ
ଏଡ଼େକ ଦେବସଭାରେ ଶାପ ଯେବେ ଦେଲ
ମୋହ ଛାର ଲୋକକୁ ତ ଏ ଦଣ୍ଡ ବିହିଲ ।
ମଶା ହୃଦେ ଆଣି ଲଦିଦେଲେ ମେରୁଦଣ୍ଡ
ବିନ୍ଧିଲ ରମ୍ଭାବୃକ୍ଷକୁ ପାଶୁପତ କାଣ୍ଡ ।
ମୂଷିକ ବେଣ୍ଟକୁ କଲ ବାରଣ ଗହନ
ପିମ୍ପୁଡ଼ି ମୁଣ୍ଡରେ ଦେଲ ଗନ୍ଧମାରଦନ ।
କାକ ଆଖିରେ ତପତ ପାଣି ଦେଲ ଢାଳି
ଶିମିଳୀ ତୁଳା ଛାରକୁ ଦେଲ ଅଗ୍ନି ଜାଳି ।
ତୁମ୍ଭ ଦୁହିତାକୁ ମାତ୍ର ଦେଲ ତୁମ୍ଭେ ଦୁଃଖ
ମୁଁ ଦୈତ୍ୟ ହେଲେ ପାଇବ କାହୁଁ ସେହି ସୁଖ
ଏଥକୁ ଚାହିଁଣ ପିତା ଦୟା କର ମୋତେ
ବିଧାତାର ବିନା ତ୍ରାହି ନାହି କେ ଜଗତେ ।
ଏମନ୍ତ ବୋଲି ମଦନ ଚରଣେ ପ୍ରଣମି
ବିପ୍ର ପିତାମ୍ବରକୁ ହେ ରଖ ଦେବସ୍ୱାମୀ ।
କନ୍ଦର୍ପ ବିନୟବାଣୀ ଶୁଣି ପିତାମହ
ହୃଦୟରୁ କ୍ରୋଧ ଛାଡ଼ି ଶାନ୍ତ କଲେ ଦେହ ।
ମଦନକୁ ବୋଇଲେ ତୁ ଶୁଣ ମୋର କଥା

ବିଧାତା ଲିଖିତ ବାଣୀ ନୁହଇ ଅନ୍ୟଥା ।
ରତି ନାମକୁ ଚିତୋଇ କହିଲୁ ତୁ ମୋତେ
ତିନିଥର ଯାଇ ଦୈତ୍ୟ ହେବୁ ତୁ ଜଗତେ ।
ଆଦ୍ୟରେ ମହିଷାସୁର ରୂପ ପ୍ରକାଶିବୁ
ଦୁର୍ଗାଙ୍କ ହସ୍ତେ ମରିଣ ଲେଉଟି ଜନ୍ମିବୁ ।
କାଳନେମି ନାମେ ତୋର ହେବ ଜନ୍ମ ଗୋଟି
ସେ ଜନ୍ମେ ତୋତେ ମାରିବେ ତୋହର ପୁତ୍ରେଟି
ତୃତୀୟେ କଂସ ହୋଇଣ ଦ୍ୱାପରେ ଜନ୍ମିବୁ
ଅନେକ ଉପଦ୍ରବେ ତୁ ଲୋକଙ୍କୁ ନାଶିବୁ ।
ବିଷ୍ଣୁଙ୍କୁ ଚିନ୍ତିବୁ ରିପୁ ବୋଲି ଅନୁକ୍ଷଣେ
ରଙ୍ଗ ସଭାରେ ବସିଣ ଚାହିଁବୁ ନୟନେ ।
ମଞ୍ଚା ଉପରେ ଉଠିଲେ କୃଷ୍ଣ ଯାଇଁ ବେଗେ
ଚାହିଁଲାକ୍ଷଣି ପଶିବ ପ୍ରାଣ କୃଷ୍ଣ ଅଙ୍ଗେ ।
ପଡ଼ିବାକ୍ଷଣି କୃଷ୍ଣର ଅଙ୍ଗରେ ମିଶିବୁ
ମୁଁ ତୁମ୍ଭପୁତ୍ର ହେବି ବୋଲିଣ ବୋଲିବୁ ।
ଏ ତୋହର କଥା ଶୁଣି ବୋଲିବେ ଶ୍ରୀରଙ୍ଗ
ଜନ୍ମିବୁ ପ୍ରଦ୍ୟୁମ୍ନ ହୋଇ ଥାଅ ମୋର ଅଙ୍ଗ ।
ରୁକ୍ମିଣୀ ଦେବୀର ଗର୍ଭେ ହେବୁ ଅବତାର
ମୀନକେତନ ନାମକୁ ବହିବୁ ସେ ଥର ।
ଏମନ୍ତ କହି ମଞ୍ଚାରୁ ତୋତେ ନେବେ ଧରି
ରଙ୍ଗ ସଭାତଳେ କୃଷ୍ଣ ପକାଇବେ ମାରି ।
ଏ ତୋହର ଶରୀରରୁ ପ୍ରାଣ ଯିବାବେଳେ
ଶ୍ରୀକୃଷ୍ଣଙ୍କ ରୂପ ଧ୍ୟାନ କରିବୁ ସେକାଳେ ।
ଶ୍ରୀକୃଷ୍ଣ ବୀର୍ଯ୍ୟେ ଜନ୍ମିବୁ ଦିବ୍ୟରୂପ ଧରି
ରତିକନ୍ୟା ବିଭା ହେବୁ ଶମ୍ବରକୁ ମାରି ।
ଏହି ତିନିଜନ୍ମ ଅନ୍ତେ ହେବୁ କାମଦେବ
ଶାପ ଯିବାଯାଏ ରତି ଘରେ ମୋର ଥିବ ।
ଏରୂପେ ବର ଦିଅନ୍ତେ ତାକୁ ପଦ୍ମଯୋନି
ଶୁଣି ମନ୍ମଥ ବସିଲା ହୋଇ ତହିଁ ତୁନି ।

ଅସୁର ରୂପକୁ ଧରି ହୋଇଲା ବାହାର
ଉର୍ବଶୀ ପୁତ୍ରର କଥା ଶୁଣିବା ଏଥର ।
ମହାବଳବନ୍ତ ହୋଇ ଜନ୍ମନ୍ତେ ବାଳକ
ତୋଳି ନପାରନ୍ତି ତାକୁ ଦୁଇ ଏକଲୋକ ।
ଗୋଟିଏ ପୁତ୍ରକୁ ଏକାଦଶ ନରନାରୀ
ଟେକନ୍ତି ସ୍ୱର୍ଗରୁ ଆସି କିନ୍ନରୀ ଅପ୍ସରୀ ।
ଭୂମିରୁ ତୋଳିଣ କଷ୍ଟେ ଆସନକୁ ଆଣି
ଧୁଅନ୍ତି ହଳଦୀ ବୋଳି ଢାଳି ଉଷ୍ମ ପାଣି ।
ସୁଗନ୍ଧେ ଜଡ଼ାଇ ମଳି ପଖାଳନ୍ତି ଦେହ
ଭିନ୍ନ ଭିନ୍ନ ଶେଯେ ନେଇ ଶ୍ୱାନ୍ତି ବେନି ପୁଅ
ଶୁକ୍ଳ ନେତ ଶେଯପରେ ଅନ୍ତୁଡ଼ି ଉଠାଇ
ତହିଁର ପାଶେ ଅନ୍ତୁଡ଼ି ଲଗାଇଲେ ନେଇ ।
ଚନ୍ଦନ ଦାରୁ କାଠରେ ଅଗ୍ନିଦେଲେ ଜାଳି
ସୁବାସ ତଇଳ ନେଇ ପୁତ୍ର ଅଙ୍ଗେ ବୋଳି ।
ସେକନ୍ତି ତାକୁ ଅନ୍ତୁଡ଼ିଶାଳେ ସର୍ବେ ବସି
ରୋଦନ କରନ୍ତେ କ୍ଷୀର ଦିଅନ୍ତି ଉର୍ବଶୀ ।
ସୁବର୍ଣ୍ଣର ଶାମୁକାରେ ନେଇ ତୁଣ୍ଡେ ଭରି
ଦିଅନ୍ତେ ସେ କୁମରଙ୍କ ଉଦର ନ ପୂରି ।
କ୍ଷୁଧା ନ ଭାଜନ୍ତେ ପୁଣି କାନ୍ଦନ୍ତି କୁହାଟି
ଜାଣିଣ ଗୋକ୍ଷୀର ମାଏ ଦିଅନ୍ତି ଲେଉଟି ।
କନକ ରତନ ଭାଣ୍ଡେ ପୁଣି କ୍ଷୀର ତୋଳି
ପୁତ୍ରଙ୍କ ମୁଖରେ ନେଇ ଦ୍ୟନ୍ତି ମାଏ ଭରି ।
ବାଳକେ ପିଅନ୍ତି କ୍ଷୀର ପାଇ ମନ ଜାଣି
ସମୁଦ୍ରେ ଯେସନେ ଯାଇ ପଶେ ନଦୀପାଣି ।
ଦିନକ ମଧ୍ୟେ ପିଅନ୍ତି ପୋଏ ଲକ୍ଷେଭାର
ଏକ ପୁତ୍ରକୁ ଯେ ଖଞ୍ଜା ପାଞ୍ଚ ଶତ ଭାର ।
ଏ ସକଳ କ୍ଷୀର ଖଞ୍ଜି ଦେଲେ ପରମେଷ୍ଠି
କାମଧେନୁ ଥିବାରୁ ଯେ କ୍ଷୀର ଯାଏ ଅଣ୍ଟି ।
କ୍ଷଣକରେ ଶତବାର ପିଅନ୍ତି ସେ ବାଳ

ଏହିପରି କହୁ କହୁ ବଞ୍ଚି ଗଲେ କାଳ
ପାଳଇ ଉର୍ବଶୀ ସେହି ପୁତ୍ର ଅତି ସ୍ନେହେ
ବିକ୍ରମ ରୂପକୁ ଧରି ବଢୁଛନ୍ତି ଦୁହେଁ ।
ଦିନକୁଦିନ ଆସଇ ଆନ ଆନ ମୂର୍ତ୍ତି
ବିଂଶରାତ୍ର ନୋହୁଣୁ ଯେ କ୍ରମରେ ଚାଳନ୍ତି ।
ଉର୍ବଶୀ ପୁଅଙ୍କ ଛବି ଦେଖି ମନେପାଞ୍ଚି
ବ୍ରହ୍ମାଙ୍କ କୋଳରେ ନେଇ ଦେଲା ବଳେ ଯାଚି
ବୋଇଲା ପୁତ୍ରଙ୍କୁ ମୋର ଚିହ୍ନିଥିବଭଲେ
ପାସୋରି ନ ଯାଅ ପୁଣି ଏଥୁ ଉଠିଗଲେ ।
ଜାତକମାନ ବୁଝିଣ ନାମମାନ ଦିଅ
କେହି ନ ବୋଲନ୍ତୁ ଜାରଜାତକା ଏ ପୁଅ ।
ହସିଲେ ଉର୍ବଶୀ ବାକ୍ୟଶୁଣି ପରମେଷ୍ଠି
ସେ ପୁତ୍ରଙ୍କୁ ଧରି ନାମ ଦେଲେ ଗୋଟି ଗୋଟି
ସୁମୂର୍ତ୍ତି ଦେଖି ପାଞ୍ଚନ୍ତି ପୁଣି ନିଜ ହୃଦେ
ବୋଲନ୍ତି ଏ ଦୁଷ୍ଟ ଜାତ ହେଲେ ନିରାପଦେ
ବ୍ୟର୍ଥେ ପାଇବେ ଏହାଙ୍କ ଲାଗି ଦେବ କଷ୍ଟ
ଯାବତ ଜୀବଙ୍କୁ ଦୁଃଖ ଦେବେ ଏହି ନଷ୍ଟ ।
ଆମ୍ଭେ ତ ଲୋଡୁ ନ ଥିଲୁ ଏହି ପାପିଷ୍ଠଙ୍କୁ
କି ନିମନ୍ତେ ଜନ୍ମିଲେ ଏ କେଉଁ ଅଭାଗ୍ୟଙ୍କୁ ।
ଏଥକୁ ଶ୍ରୀନାରାୟଣ କରିବେ ବା ଭଲ
ନାଶିବେ ସେ ଅବତାର ହୋଇ ପୃଥ୍ୱୀ ସଲ ।
ଏମନ୍ତ ବୋଲି ପ୍ରଥମ ପୁଅକୁ ଧଇଲେ
ତୋର ନାମ ମୁରଦୈତ୍ୟ ହୋଇଲା ବୋଇଲେ
ଦେବଙ୍କ ସଭାରେ ଆମ୍ଭେ କଲୁ ଯେବେରତି
ଏହି ଦୋଷରୁ ତୁ ହେଲୁ ଅସୁର ପ୍ରକୃତି ।
ବ୍ରହ୍ମା ପରା ପୁରୁଷକୁ ପୀଡ଼ିଲା ସେ ଶର
ତେଣୁ ହୋଇଲା ତୋହର ନାମ ମୁରାସୁର ।
ତୋତେ ମାରି ବୋଲାଇବେ ଶ୍ରୀହରି ମୁରାରି
ଏହା ଶୁଣିଥା କହିଲୁ ଆମ୍ଭେ ଯୋଗ ଧରି ।
ଚାରିଯୁଗ ଯାଏ ସଂସାରରେ ଉପୁଜିବ
ମୁର ହିରଣ୍ୟ ରାବଣ ଶିଶୁପାଳ ହେବ ।
ଏ ଚାରିଜନ୍ମ ଅନ୍ତେ ଆସିବ ବଇକୁଣ୍ଠେ
ହୋଇବ ଜୟ ବିଜୟ ସିଂହଦ୍ୱାର ବାଟେ ।
କନିଷ୍ଠ ପୁତ୍ରର କଥା ଶୁଣ ଗୋ ଉର୍ବଶୀ
ଦାରୁଣ ଲଜ୍ଜାକୁ ମୋତେ କାମ ଦେଲା ଆସି ।
ତେଣୁ ଏ ପୁତ୍ରର ନାମ ଦାରୁଣ ଯେ ହେଉ
ଅନନ୍ତଶେଷ ହାତରେ ଏହା ପରମାୟୁ ।
ଅନ୍ୟଲୋକ ହସ୍ତେ ଏହୁ ନୋହିବ ନିଧନ
ଅଦୃଷ୍ଟକୁ ଚିହ୍ନି ଆମ୍ଭେ କହୁଛୁ ଶକୁନ ।
ଏହିରୂପେ କହି ପିତା କହନ୍ତି ସେ ପୁଣି
ଚୂଡ଼ାକର୍ମର ବିଧାନ କରାଇବା ଆଣି ।
ତହିଁଉତ୍ତାରୁ ସେ କୁଳ ଧର୍ମ ବିଧି କଲେ
କନ୍ଧରେ ପବିତ୍ର ଯଜ୍ଞସୂତ୍ର ପିନ୍ଧାଇଲେ ।
ଶ୍ରୀଗାୟତ୍ରୀ ମନ୍ତ୍ର ପୁଣି ଶୁଣାଇଲେ କର୍ଣ୍ଣେ
ଘେନଇ କି ନ ଘେନଇ ଦୁଷ୍ଟବୁଦ୍ଧି ମନେ ।
ସ୍ୱଭାବେ ଅସୁର ପ୍ରକୃତି ଯେ ବଡ଼ ମନ୍ଦ
ପୂର୍ବରୁ ଯା ଅର୍ଜିଅଛି ସେହଟି ପ୍ରାରବ୍ଧ ।
ସେ କଥାଗୋଟି ବାଳକେ କରିବେ ଭୋଗାଦି
ଭଲ କଥା କହିବେ କି ହୋଇବ ସୁବୁଦ୍ଧି ।
ଯେଝା କର୍ମମାର୍ଗେ ପ୍ରକୃତିକୁ ଭୋଗ କରେ
ମୂର୍ଖ ବା କାହୁ ସୁବୁଦ୍ଧି ହେବ ସୁବିଚାରେ ।
ଚଳିଲେ ଏରୂପେ କହି ତହୁଁ ବେଦବର
ସେ ପାଦେ ଶରଣ ଦାଶ ବିପ୍ର ପୀତାମ୍ବର ।
ଏଥିରୁ ପାରି କରିବେ ମୋତେ ନାରାୟଣ
କହିବି ଅର୍ଥ ସଙ୍ଗତେ ନୃସିଂହ ପୁରାଣ
ସୁଜନ ପଣ୍ଡିତମାନେ ଶୁଣ ମନଦେଇ
ପୁରାଣରେ ଗାନ କଲେ କହି ନପାରଇ ।
ବୁଝିଲେ ଅଜ୍ଞାନ ମୁହିଁ ଅଟଇ ଯୁକତେ

ତେଣୁ କେହି ଆଖପାଖ ନ କରଇ ମୋତେ।
ସ୍ୱଭାବେ ତ ସଦାମୂର୍ଖ ଅଟଇ ମୁଁ ଜଣେ
ଦିନେ ମୁହିଁ ବସିନାହିଁ ସାଧୁ ବିହରଣେ
ସଂସ୍କୃତ ବିଦ୍ୟା ମୋହର କେଭେ ନାହିଁ ପଢା
କେବଳ ପରାକୃତରେ କରେ ପଦଯୋଡ଼ା।
କୁଟୁମ୍ବ ପୋଷିବା ଅର୍ଥେ ଭ୍ରମି ନାନାଦେଶ
ପେଟର ଛଟପଟରେ ଲୋଡ଼େ ବୁଲି ଗ୍ରାସ।
ଅନ୍ନ ବ୍ୟାକୁଳେ ନ ପାରେ ମୁହିଁ କୃଷ୍ଣ ଭଜି
ଦାତା ଅନୁସରି ନିତ୍ୟେ ମାଗୁଥାଇ ଭୋଜି।
ଶ୍ରୀହରି ପସରା ଘେନି ବାଣିଜ୍ୟରେ ବିକେ
ସନ୍ତୋଷେ ଘେନନ୍ତି ତାହା ସୁଜ୍ଞ ସାଧୁଲୋକେ
ଶ୍ରୀହରି ବାଣିଜ୍ୟେ ମିଳେ ବଜାରରୁ ଯାହା
ଆନନ୍ଦେ ବସି ସୁଖରେ ଭୁଞ୍ଜଇ ମୁଁ ତାହା।
କେବଳ ମୋ ଗ୍ରାସ ଅନ୍ନପାଣି ହୃଷୀକେଶ
ସ୍ନାନସାରି ଭୁଞ୍ଜେ ମୁଁ ଶ୍ରୀହରି ସାଧୁରସ।
ଦାତା ଦେଲାଦ୍ରବ୍ୟ ମୋର ଅଟେ ଧର୍ମପଢ଼ି
ତାହା ଦିଏ ଚଲୁ ମୁହିଁ ହରିପାଦେ ପଡ଼ି।
ତେବେ ସେହି ପ୍ରସାଦ ମୁଁ ଭୁଞ୍ଜଇ ସନ୍ତୋଷେ
ଗାଏ ମୁଁ ଶ୍ରୀହରି ନାମ ରଜନୀ ଦିବସେ।
ସୁପଣ୍ଡିତେ ଶୁଣି ତାହା ହୁଅନ୍ତି ଆନନ୍ଦ
ବିପ୍ର ପୀତାମ୍ବରକୁ ଯେ ରଖିବେ ଗୋବିନ୍ଦ।

## ୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ଓଡ଼ିଆ ପୁରାଣ ପରମ୍ପରାରେ ନୃସିଂହ ପୁରାଣର ସ୍ଥାନ ନିରୂପଣ କର।

(୨) ଏକ ମୌଳିକ ପୁରାଣ ଭାବରେ ନୃସିଂହ ପୁରାଣର ଆଲୋଚନା କର।

(୩) ନୃସିଂହ ପୁରାଣର ପଠିତାଂଶ ଆଧାରରେ କବି ବିପ୍ର ପୀତାମ୍ବର ଦାସଙ୍କ କବିତ୍ୱ ଓ କଥାକ୍ରମ ସର୍ଜନାର ବିଶେଷତ୍ୱ ବିଚାର କର।

(୪) ମହାକବି ସାରଳାଙ୍କର ଜଣେ ଯଥାର୍ଥ ଅନୁକାରୀ ଭାବରେ ପୀତାମ୍ବର ଦାସଙ୍କ ନୃସିଂହ ପୁରାଣର ମୂଲ୍ୟ ନିରୂପଣ କର।

(୫) ନୃସିଂହ ପୁରାଣର ପଠିତାଂଶ ଅବଲମ୍ବନରେ ପୀତାମ୍ବରଙ୍କ ବର୍ଣ୍ଣନା ଶୈଳୀ ଉପରେ ଆଲୋକପାତ କର।

## ୧.୭ ସହାୟକ ଗ୍ରନ୍ଥସୂଚୀ


- ଦାସ- ପୀତାମ୍ବର- ନୃସିଂହ ପୁରାଣ- ଓଡ଼ିଆ ରାଧାରମଣ ପୁସ୍ତକାଳୟ
- ମିଶ୍ର-ସଚ୍ଚିଦାନନ୍ଦ- ନୃସିଂହ ପୁରାଣକାର ପୀତାମ୍ବର ଦାସ ପ୍ରଗତି ଉତ୍କଳ ସଂଘ-ରାଉରକେଲା
- ମିଶ୍ର ନୀଳମଣି- ଓଡ଼ିଆ କବି ଓ କାବ୍ୟ-ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର
- ଶତପଥୀ, ନଟବର-ପୁରାଣ ପରିଶୀଳନ
- ମହାନ୍ତି, ବିଚିତ୍ରାନନ୍ଦ- ଓଡ଼ିଶାରେ ନୃସିଂହ ଉପାସନା-ଫ୍ରେଣ୍ଡ ପବ୍ଲିଶର୍ସ,କଟକ
- ମହାନ୍ତି, ବ୍ରଜମୋହନ- ପୁରାଣ ପରିକ୍ରମା, ଉତ୍କଳ ପାଠକ ସଂସଦ, ଓଡ଼ିଆ ବୁକ୍‌ଷ୍ଟୋର, କଟକ।

# ଦ୍ୱିତୀୟ ଏକକ : ପ୍ରେମଭକ୍ତି ବ୍ରହ୍ମଗୀତା

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ପ୍ରେମଭକ୍ତି ବ୍ରହ୍ମ ଗୀତା ଓ କବି ଯଶୋବନ୍ତ

୨.୫ ପ୍ରେମଭକ୍ତି ବ୍ରହ୍ମ ଗୀତା (ପାଠ)

୨.୬ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୨.୭ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଉକ୍ତ ଏକକଟି ପାଠ କଲା ପରେ ଉତ୍କଳୀୟ ଜ୍ଞାନ ସାଧନାର ଧାରାରେ ପ୍ରେମଭକ୍ତିର ସ୍ୱରୂପ ଅବଗତ ହୋଇପାରିବେ।

- ପ୍ରେମଭକ୍ତି ସାଧନା ସାଧାରଣତଃ ଈଶ୍ୱରଙ୍କୁ ଆପଣାର ପ୍ରେମିକ / ପ୍ରେମିକା ମନେକରି ଉପାସନା କରିବାକୁ କୁହାଯାଏ।
- ପ୍ରାଚୀନ ଭାରତୀୟ ସାଧନା(ସହଜିଆ ବୌଦ୍ଧଧର୍ମ)ରେ ଥିବା ଏହି ଭାବନାକୁ ଷୋଡ଼ଶ ଶତାବ୍ଦୀର ମହାନ ସନ୍ଥ ଶ୍ରୀଚୈତନ୍ୟ ଆପଣା ଜୀବନକାଳ ମଧ୍ୟରେ ପରୀକ୍ଷା କରିଥିଲେ।
- ଚୈତନ୍ୟଙ୍କ ପ୍ରେମ ଧର୍ମ ସମୟକ୍ରମେ ଓଡ଼ିଶାର ରାଜଧର୍ମରେ ପରିଣତ ହେବାରୁ ଓଡ଼ିଶାର ନିଜସ୍ୱ ସାଧନଧାରା ତାକୁ ଗ୍ରହଣ କରିବାକୁ ବାଧ୍ୟ ହେଲା।
- ଫଳତଃ ଓଡ଼ିଶାର ବୈଷ୍ଣବଗଣ ଜ୍ଞାନମୂଳକ ପ୍ରେମ ସାଧନା କରିବସିଲେ।
- ତାହା ହିଁ ପ୍ରେମଭକ୍ତି ବ୍ରହ୍ମ ଗୀତାର ଆଲୋଚ୍ୟ ପ୍ରସଙ୍ଗ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ପୁସ୍ତକଟିକୁ ଅଧ୍ୟୟନ କରିବା ଦ୍ୱାରା ବିଦ୍ୟାର୍ଥୀଗଣଙ୍କର ମଧ୍ୟଯୁଗୀୟ ଓଡ଼ିଆ ସନ୍ଥ ସାହିତ୍ୟ ସମ୍ପର୍କରେ ଧାରଣା ସ୍ପଷ୍ଟ ହେବ। ପଞ୍ଚସଖା ଉପାସନା ପଦ୍ଧତି ବିଷୟରେ ସେମାନେ ଜାଣିପାରିବେ। ଜ୍ଞାନର ଆଧାରରେ କିପରି ପ୍ରେମଭକ୍ତିକୁ ବୁଝିହେବ ତାହାର ଅବବୋଧ ସ୍ପଷ୍ଟ ହେବ। ସର୍ବୋପରି ଏହାର କବି ଯଶୋବନ୍ତ ଦାସ ଓ ତାଙ୍କର ସାଧନା ପଦ୍ଧତି ତଥା ରଚନାବଳୀର ବିଶେଷ ପରିଚୟ ମିଳିପାରିବ।

## ୨.୩ ବିଷୟ ପ୍ରବେଶ

ପ୍ରେମଭକ୍ତି ବ୍ରହ୍ମଗୀତାର କବି ଯଶୋବନ୍ତ ଦାସ ତାଙ୍କର ସମୟ ଆନୁମାନିକ ୧୪୭୦ରୁ ୧୫୫୦ ଖ୍ରୀଷ୍ଟାବ୍ଦ। ସେ ଆଧୁନିକ ଜଗତସିଂହପୁର ଜିଲ୍ଲାର ଅଡ଼ଙ୍ଗ ଗ୍ରାମରେ ଜନ୍ମଲାଭ କରିଥିଲେ। ତାଙ୍କ ପିତାଙ୍କ ନାମ ଭଗବାନ ମଲ୍ଲ। ସେ କୁଜଙ୍ଗ ରାଜାଙ୍କ ପାଖରେ ଜଣେ ସାମରିକ ବିଭାଗର କର୍ମଚାରୀ ରୂପେ କାର୍ଯ୍ୟ କରୁଥିଲେ। ଯଶୋବନ୍ତ ମଧ୍ୟ ପିତାଙ୍କ ପରି ସାମରିକ କଳାରେ ନିପୁଣତା ଲାଭ କରି ନିଜ ଗ୍ରାମ ନିକଟରେ ଥିବା ଜମିଦାର ରଘୁରାମ ଚମ୍ପତିଙ୍କ ପାଖରେ କଟୁଆଳ କାମ କରୁଥିଲେ। ସେ ପରେ ରଘୁରାମ ଭଗିନୀ ଅଞ୍ଜନାଙ୍କୁ ବିବାହ କରିଥିଲେ। ପରିସ୍ଥିତି କ୍ରମେ ଯଶୋବନ୍ତ ବୈଷ୍ଣବ ଦୀକ୍ଷା ଗ୍ରହଣ କଲେ ଓ ଜଣେ ଗୃହୀସନ୍ଥ ଭାବରେ ତାଙ୍କ ଅନୁଗାମୀମାନଙ୍କ ନିକଟରେ ପରିଚିତ ଥିଲେ। ଯଶୋବନ୍ତ ତାଙ୍କ ସମୟର ଅନ୍ୟ ବୈଷ୍ଣବ ସନ୍ଥ ଅଚ୍ୟୁତାନନ୍ଦ ଓ ଅନନ୍ତ ଦାସଙ୍କ ସହ ବିଶେଷ ସମ୍ପର୍କ ଥିଲା। ସେ ପ୍ରେମଭକ୍ତି ବ୍ରହ୍ମଗୀତା, ଶିବସ୍ୱରୋଦୟ ଗୋବିନ୍ଦ ଚନ୍ଦ୍ରଙ୍କ ପରି ଆତ୍ମପରଚେଗୀତା, ଦିବ୍ୟଦେହ ବୋଲି, ବଣଭୋଜି ବୋଲି, ରାହୀ ଦାମୋଦର ବ୍ରତ ଓ ଅନେକ ଭଜନ/ ଜଣାଣ ରଚନା କରିଯାଇଛନ୍ତି। ଜଣେ ସାଧକ / ସନ୍ଥ କବି ତଥା ପଞ୍ଚସଖା ପରମ୍ପରାର ବଳିଷ୍ଠ ପ୍ରଚାରକ ଭାବରେ ସେ ଚିରକାଳ ଅମର ହୋଇ ରହିବେ।

## ୨.୪ ପ୍ରେମଭକ୍ତି ବ୍ରହ୍ମଗୀତା ଓ କବି ଯଶୋବନ୍ତ

ପ୍ରେମଭକ୍ତି ଓ ବ୍ରହ୍ମଗୀତା ଭକ୍ତ କବି ଯଶୋବନ୍ତ ଦାସଙ୍କ ଏକ ତତ୍ତ୍ୱ ଗ୍ରନ୍ଥ। ଏଥିରେ ଯୋଗ ପଣ୍ଡିତ ଜ୍ଞାନ ମିଶ୍ରା ଭକ୍ତି ଧର୍ମର ବିବିଧ ସାଧନା ସମ୍ପର୍କରେ ଉଲ୍ଲେଖ କରାଯାଇଅଛି। ମୋଟ ପାଞ୍ଚଗୋଟି ଅଧ୍ୟାୟରେ କବି ଜ୍ଞାନ ମିଶ୍ରା ଭକ୍ତି ଧର୍ମର ବିବିଧ ତତ୍ତ୍ୱ ସମ୍ପର୍କରେ ବ୍ୟାଖ୍ୟା କରିଅଛନ୍ତି। କୃଷ୍ଣ ଅର୍ଜୁନଙ୍କ ଉକ୍ତି ପ୍ରତ୍ୟୁକ୍ତି ଛନ୍ଦରେ ଗ୍ରନ୍ଥଟି ରଚିତ। ଗୀତାରେ ଯେପରି ଅର୍ଜୁନ ପଚାରୁଛନ୍ତି ଓ କୃଷ୍ଣ ଉତ୍ତର ଦେଉଛନ୍ତି ଏଥିରେ ଠିକ୍ ସେମିତି ପ୍ରଶ୍ନ ଉତ୍ତର ରହିଛି। କିନ୍ତୁ ପ୍ରଥମେ ଏଇସବୁ ପ୍ରଶ୍ନ ରାଧା କୃଷ୍ଣଙ୍କୁ ପଚାରିଥିଲେ। ତାହା ପୁଣି ଥରେ ଅର୍ଜୁନ କୃଷ୍ଣଙ୍କୁ ପଚାରିଛନ୍ତି ଓ ଆଶାନୁରୂପ ଉତ୍ତର ପାଇଛନ୍ତି। ପ୍ରସଙ୍ଗଟି ଠିକ୍ ଗୁରୁ ଶିଷ୍ୟଙ୍କର ପ୍ରଶ୍ନୋତ୍ତର ପରି। ଶିଷ୍ୟଙ୍କର ସନ୍ଦେହ ମୋଚନ ଗୁରୁଙ୍କର ଉଦ୍ଦେଶ୍ୟ। ସେ ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ଗ୍ରନ୍ଥଟି ରଚିତ। ଶିଷ୍ୟ ଅର୍ଜୁନ ଗୁରୁରୂପୀ କୃଷ୍ଣଙ୍କୁ ପଚାରୁଛନ୍ତି-

"ସଂସାର ଯେତେବେଳେ ନାହିଁ।            ନାମ ସ୍ୱରୂପ ହିଁ ନଥାଇ।
ନଥିଲେ ରବି ଶଶୀ ପୁଣ   ।            ନଥିଲେ ଶୂନ୍ୟେ ତାରାଗଣ।
ନ ଥିଲା ପଞ୍ଚଭୂତ ସାର।            ନ ଥିଲା ତ୍ରିଗୁଣ ପ୍ରକାର।
ତୁମ୍ଭେ କେମନ୍ତେ ଥିଲ କାହିଁ।            କେମନ୍ତ ସ୍ୱରୂପରେ ରହି।

*୧/୩୩-୩୬*

ଅର୍ଜୁନଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କୃଷ୍ଣ ଜ୍ଞାନ ମିଶ୍ରା ସାଧନାର ସୃଷ୍ଟି ତତ୍ତ୍ୱ ବାଖ୍ୟା କରିଅଛନ୍ତି। ଦିନେ ପ୍ରେମମୟୀ ରାଧା ତାଙ୍କୁ ଠିକ୍ ଏହିପରି ପ୍ରଶ୍ନ ପଚାରିଥିଲେ। ରାଧାଙ୍କ ଭକ୍ତିରେ ମୁଗ୍ଧ ହୋଇ ଶ୍ରୀକୃଷ୍ଣ ତାଙ୍କୁ ସୃଷ୍ଟି ରହସ୍ୟ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲେ। କୃଷ୍ଣ ପୂର୍ଣ୍ଣବ୍ରହ୍ମ ସେ ସ୍ୱୟଂଜାତ। ତାଙ୍କଠାରୁ ଜଗତର ସୃଷ୍ଟି। ମହାଶୂନ୍ୟରେ ପରମବ୍ରହ୍ମ ଜ୍ୟୋତି ରୂପରେ ପ୍ରକାଶିତ ହେଲେ। ନିର୍ଗୁଣରୁ ସେ ସଗୁଣ ରୂପ ଧାରଣ କଲେ। ସୃଷ୍ଟି କର୍ମ ପାଇଁ ଇଚ୍ଛା ହେବାରୁ ବ୍ରହ୍ମଜ୍ୟୋତିରୁ ପ୍ରକୃତି ଜନ୍ମିଲା। ପ୍ରକୃତି ଉର୍ମି-ଧୂର୍ମି, ଜ୍ୟୋତି - ଜ୍ୱାଳା ଓ ବିନ୍ଦୁ ରୂପରେ ପଞ୍ଚ କଳା ହେଲା। ପରେ ପରେ ସୃଷ୍ଟିର ଆଦ୍ୟଧ୍ୱନି ଓଁକାର ଜନ୍ମିଲା। ଏହି ଓଁକାରରୁ ସମଗ୍ର ସୃଷ୍ଟି ସମ୍ଭବିଲା।

କବି ଯଶୋବନ୍ତ ଜ୍ଞାନ ମିଶ୍ରା ଭକ୍ତି ସାଧନାର ସୃଷ୍ଟିତତ୍ତ୍ୱ, ରାଧାକୃଷ୍ଣ ତତ୍ତ୍ୱ, ଜଗନ୍ନାଥ ତତ୍ତ୍ୱ, ମନ୍ତ୍ରତତ୍ତ୍ୱ ଓ ରାସ ତତ୍ତ୍ୱର ବିଶେଷ ଚର୍ଚ୍ଚା ଏହି କ୍ଷୁଦ୍ର ଗ୍ରନ୍ଥର ପାଞ୍ଚଗୋଟି ଅଧାୟରେ କରିଅଛନ୍ତି। ଚୈତନ୍ୟ ପ୍ରଚାରିତ ପ୍ରେମଭକ୍ତି ସାଧନା, ରାଧାକୃଷ୍ଣ ତତ୍ତ୍ୱ ଏଥିରେ ଏକ ସ୍ୱତନ୍ତ୍ର ରୂପରେ ବର୍ଣ୍ଣିତ ହୋଇଛି। ଖାଲି ନାରୀଭାବାପନ୍ନ ହୋଇ କୃଷ୍ଣଙ୍କୁ ପ୍ରେମିକ ବୋଲି ମନେକଲେ ହେବ ନାହିଁ, ନିଜର ଆତ୍ମାକୁ ନାରୀ ବେଶ କରିବାକୁ ହେବ। ବାହ୍ୟ ଆଚାର ବିଚାର ପ୍ରକୃତ ସାଧନାର ବହିରଙ୍ଗ। ଅନ୍ତରଙ୍ଗ ସାଧନାରେ ହିଁ କୃଷ୍ଣତ୍ୱ ପ୍ରାପ୍ତି ସମ୍ଭବ। ଗୌଡ଼ୀୟ ସାଧନାରେ ରାଧା କୃଷ୍ଣଙ୍କର ପରକୀୟା ନାୟିକା। ରାଧାର ପତି ଚନ୍ଦ୍ରସେଣା। ଚନ୍ଦ୍ରସେଣାକୁ ପ୍ରତାରିତ କରି ରାଧା ହୋଇଛନ୍ତି କୃଷ୍ଣଗତ ପ୍ରାଣା। ସେଥିଲାଗି ବୈଷ୍ଣବ ସୂତ୍ରକାରମାନେ ପୂର୍ବଜନ୍ମ ପରଜନ୍ମ ଓ ହ୍ଲାଦିନୀ ଶକ୍ତି ଆଦି କଥା କହି ବହୁ ଗ୍ରନ୍ଥ ରଚନା କରିଛନ୍ତି। ଉତ୍କଳୀୟ ଜ୍ଞାନବାଦୀ ସାଧକଗଣ କିନ୍ତୁ ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ। ରାଧାଙ୍କୁ ସେ ପ୍ରକୃତ ବିଷ୍ଣୁ ବଲ୍ଲଭ ଭାବରେ ଚିତ୍ରଣ କରିଛନ୍ତି। ଆଲୋଚ୍ୟ ଗ୍ରନ୍ଥରେ ତାହାର ସୁନ୍ଦର ଉଦାହରଣ ପ୍ରଦତ୍ତ ହୋଇଛି। ଯଶୋବନ୍ତ ପ୍ରଶ୍ନକର୍ତ୍ତ୍ରୀ ରାଧାଙ୍କୁ ନିତ୍ୟ ରାଧାଙ୍କଠାରୁ ଭିନ୍ନ କରି ବର୍ଣ୍ଣନା କରିଛନ୍ତି। ନିତ୍ୟ ରାଧାଙ୍କ ସ୍ୱେଦବିନ୍ଦୁ କ୍ଷୀର ସାଗରରେ ପଡ଼ି ସେଥିରୁ ନୀଳ କନ୍ୟାଟିଏ ଜନ୍ମ ହୋଇଛି। ବରୁଣ ତାକୁ ପାଳନ କରିଛି ଓ ଏ ବିଷ୍ଣୁଯୋଗ୍ୟା ବୋଲି ଜାଣିପାରି ନୀଳାକନ୍ୟା ସ୍ୱର୍ଗ ଗଙ୍ଗାତୀରେ ବିଷ୍ଣୁଙ୍କୁ ପତି ରୂପରେ ପାଇବା ପାଇଁ ବାଲୁଙ୍କା ପୂଜା କରିଛି। ସ୍ୱର୍ଗ ଗଙ୍ଗାତୀରରେ ଆଶ୍ରମ କରିଥିବା 'ସତ୍ୟ' ନାମକ ଋଷି ନୀଳାକନ୍ୟାର ରୂପରେ ମୁଗ୍ଧ ହୁଅନ୍ତି ଓ ତାକୁ ପତ୍ନୀ ରୂପରେ ପାଇବାକୁ ଅନୁରୋଧ କରନ୍ତି। ଏଥିରେ ନୀଳକନ୍ୟା କ୍ଷୁବ୍ଧ ହୋଇ ଋଷିକୁ ନପୁଂସକ ହେବାକୁ ଅଭିଶାପ ଦିଅନ୍ତି। ଋଷି କିନ୍ତୁ କଠୋର ତପସ୍ୟାରେ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରି ନୀଳକନ୍ୟାକୁ ପତ୍ନୀ ରୂପେ ଲାଭ କରିବାର ବର ପାଆନ୍ତି। ଏହି ଉଭୟ ବର ଓ ଅଭିଶାପର ସମ୍ମିଳିତ ଘଟଣା ହେଉଛି ଚନ୍ଦ୍ରସେଣା। ନପୁଂସକ ଓ ରାଧାର ସ୍ୱାମୀ। ରାଧା କିନ୍ତୁ ସଦା ବିଷ୍ଣୁ ଅଭିଷେକୀ। ତାଙ୍କ ପ୍ରେମନିଷ୍ଠାରେ ସାମାନ୍ୟ କାଳିମା ନାହିଁ।

ରାଧାକୃଷ୍ଣ ତତ୍ତ୍ୱ କହୁଥିବାବେଳେ କବି ଯଶୋବନ୍ତ ଆଉ ପାଦେ ଆଗକୁ ଯାଇ ରାଧା କୃଷ୍ଣଙ୍କର ମିଳିତ ବିଗ୍ରହ ରୂପେ ଜଗନ୍ନାଥଙ୍କୁ ଦେଖିଛନ୍ତି। ସେ ହେଉଛନ୍ତି ପ୍ରେମଭକ୍ତି ସାଧନାର ସାଧ୍ୟ ଦେବତା ସବୁ ତୀର୍ଥଠାରୁ ଏ ତୀର୍ଥ ଶ୍ରେଷ୍ଠ। କବିଙ୍କ ଭାଷାରେ ନିତ୍ୟ ଗୋଲୋକ ଧାମ। ନିତ୍ୟ ରାଧା ଓ ନିତ୍ୟ କୃଷ୍ଣଙ୍କର ଏ ନିତ୍ୟ ମିଳନସ୍ଥଳ। କଠୋର ସାଧନା ଓ ପୂର୍ବର ବାସନା ନଥିଲେ ଏଠାକୁ କେହି ପ୍ରବେଶ କରିପାରିବ ନାହିଁ। ପ୍ରେମଭକ୍ତିର ସାରସ୍ୱତ ହିଁ ହେଉଛନ୍ତି ଜଗନ୍ନାଥ। କବିଙ୍କ ଭାଷାରେ -

"ଶ୍ରୀରାଧାକୃଷ୍ଣ ବେନି ତତ୍ତ୍ୱ । ନିତ୍ୟରେ ଅଛନ୍ତି ଗୁପତ

X X

ଦଧିନଉତି ଯାହା କହି । ପ୍ରେମ ପଲଙ୍କ ସେବୋଲାଇ ।
ତିଥି ଉପରେ ବ୍ରହ୍ମଦେହା । ଶଯ୍ୟା ଅଟଇ ପ୍ରେମପ୍ରିୟା ।
ତା'ପରେ କଳସ ସେ ପୁଣି । ସେହି ସେ ରାଧା ଠାକୁରାଣୀ ।
ତା'ପରେ ନୀଳଚକ୍ର ଥାପି । ସେ ପୁଣି କୃଷ୍ଣ ଚନ୍ଦ୍ରରୂପୀ ।"

ପୁଣି ଅନ୍ୟତ୍ର କହୁଛନ୍ତି –

ଦେଖ ଏ ରତ୍ନ ସିଂହାସନ । କୋଟିଯେ ବ୍ରହ୍ମା ବିଷ୍ଣୁମାନ ।
କୋଟିଯେ ଶାଳଗ୍ରାମରୂପ । ଅଛନ୍ତି ସିଂହାସନେ ଗୋପ୍ୟ ।
ଚାରିପାରୁଷେ ଦେବ ଗୁଣ । ପାବଛ ସରୂପରେ ଜାଣ ।
ଉପରେ ରତ୍ନମୟେ ବେଦୀ । ଅଛି ବ୍ରହ୍ମାଣ୍ଡ ଭାଣ୍ଡ ଭେଦି ।
ଓଁକାର ବିନ୍ଦୁ ବ୍ରହ୍ମ ଯେହି । ଅନନ୍ତ ଶେଷ ଦେବ ସେହି ।
ସ୍ୱର୍ଗପାତାଳ ମର୍ତ୍ତ୍ୟ ତିନି । ବଇଠି ସରୂପେ ଜନମି ।
ଡାହାଣେ ବଳଭଦ୍ର ରୂପ । ଯେହି ସେ ବିରାଟ ସରୂପ ।
ଅନନ୍ତ ଅଙ୍ଗଯେ ପ୍ରଚ୍ଛିନ୍ନ । ଓଁକାର ହ୍ରୀଂ ଅଙ୍ଗ ଜନମ ।
ବାମେ ଶ୍ରୀ ଜଗନ୍ନାଥ ଯେହି । କୀଳିଂ ଅଙ୍ଗରେ ବିଜେ ସେହି ।

X X

ମଧ୍ୟେ ସୁଭଦ୍ରା ବ୍ରହ୍ମାରୂପ । ରାଧାର ଅଙ୍ଗ ତହିଁ ଗୋପ୍ୟ ।
ପାରୁଷେ ସୁଦର୍ଶନ ଜତି । ସେ ମହାଶୂନ୍ୟ ବ୍ରହ୍ମ ଜ୍ୟୋତି ।"

ପ୍ରେମଭକ୍ତି ବ୍ରହ୍ମଗୀତା ଉତ୍କଳୀୟ ଜ୍ଞାନବାଦୀ ବୈଷ୍ଣବମାନଙ୍କର ଏକ ହାଣ୍ଡବୁକ୍ ଭାବେ ବିବେଚିତ ହୋଇଥାଏ । ଗ୍ରନ୍ଥଟି ଗୀତାର ଆଙ୍ଗିକରେ ରଚିତ । କୃଷ୍ଣ ଓ ଅର୍ଜୁନ ଏହାର ବକ୍ତା ଓ ଶ୍ରୋତା । କୃଷ୍ଣଙ୍କୁ ପୁଣି ଓଡ଼ିଶୀ ଉପାସନାର ପ୍ରାଣକେନ୍ଦ୍ର ଜଗନ୍ନାଥଙ୍କ ସହିତ ତୁଳନା କରିଅଛନ୍ତି । ଅନ୍ୟ ସନ୍ଥ କବିଗଣ ଗୋପାଳ କୃଷ୍ଣଙ୍କୁ ମାନବ୍ୟ କୃଷ୍ଣ ଓ ନୀଳାଦ୍ରୀଶଙ୍କୁ ନିତ୍ୟକୃଷ୍ଣ କହିବା ସ୍ଥଳେ କବି । ପ୍ରେମଭକ୍ତି ବ୍ରହ୍ମଗୀତାରେ ଦୁହିଁଙ୍କୁ ଏକ କହି ଅଛନ୍ତି । ଓଡ଼ିଶୀ ବିଚାରରେ ପ୍ରେମଭକ୍ତିର ଚର୍ଚ୍ଚା ଏଥିରେ କରାଯାଇଛି । ଏହା ଏକାନ୍ତ ଗୁପ୍ତ । କେବଳ ସାଧକର ଅନୁଭବଗମ୍ୟ । ଭାଗବତ ବୃତ୍ତ ବା ନବାକ୍ଷରୀ ଛନ୍ଦରେ ଗ୍ରନ୍ଥଟି ରଚିତ ।

ପୂର୍ବରୁ କୁହାଯାଇଛି "ପ୍ରେମଭକ୍ତି ବ୍ରହ୍ମଗୀତା" ଏକ ପାଞ୍ଚ ଅଧ୍ୟାୟ ବିଶିଷ୍ଟ ଗ୍ରନ୍ଥ । ବିଦ୍ୟାର୍ଥୀମାନଙ୍କ ସହାୟତା ଲାଗି ଏଥିରେ ଗୋଟିଏ ଅଧ୍ୟାୟ ପ୍ରଦତ୍ତ ହୋଇଛି । କିନ୍ତୁ ପ୍ରଶ୍ନୋତ୍ତର ପ୍ରସ୍ତୁତ କରିବା ଲାଗି ସେମାନେ ପାଞ୍ଚଟିଯାକ ଅଧ୍ୟାୟ ପାଠ କରିବେ ।

# ୨.୫ ପ୍ରେମଭକ୍ତି ବ୍ରହ୍ମଗୀତା (ପାଠ)

## ପ୍ରଥମ ଅଧ୍ୟାୟ

ନମସ୍ତେ ଦେବ ଜଗନ୍ନାଥ । ଯେପ୍ରଭୁ ଶଙ୍ଖ-ଚକ୍ରହସ୍ତ ॥
ପ୍ରଳୟ ଜଳେ ଶଙ୍ଖା ମାରି । ଯେ ଶଙ୍ଖ ଚକ୍ରଭୁଜେ ଧରି ॥
ଜଗତ ଉଦ୍ଧାରଣ କାଳେ । ମେଦିନୀ ଥାପିଲ ନିଶ୍ଚଳେ ॥
ଦତ୍ୟକୁ ମାରି ନରହରି । ନାମ ଯାହାର ଦଇତାରି ॥
ସେ ପ୍ରଭୁ ପଦପାଦ ଗତେ । ମୋ ମନ ରହୁ ଅବିରତେ ॥୫॥
ମୋହୋର ଅନ୍ୟେ ନାହିଁ ଆଶା । ସେ ପାଦେ କରିଛି ଭରସା ॥
ନମସ୍ତେ ଦେବ ମହେଶ୍ୱର । ଅନ୍ଧକ ନାଶନ ଠାକୁର ॥
ତ୍ରିପୁର ଦୈତ୍ୟକୁ ସଂହାରି । ନାମ ଯାହାର ତ୍ରିପୁରାରି ॥
ଯେ ପ୍ରଭୁ ତମ ରୂପ ଧରେ । ଜଗତ ପାଳଣ ସଂହାରେ ॥
ସେ ପ୍ରଭୁ ପାଦେ ମୋର ଚିତ୍ତ । ନିରତେ ରହୁ ଅବିରତ ॥୧୦॥
ନମସ୍ତେ ବାକ୍ୟ ଦେବୀ ପାଦେ । ପ୍ରସନ୍ନ ହୁଅ ଅପ୍ରମାଦେ ॥
ନମଇ ଦେବ ଗଣନାଥ । ଅମୃତ ଭୋଗୀ ହରସୁତ ॥
ଜ୍ଞାନ ଅମୃତେ ତୋଷମନ । ଶିରବଦନ ଗଜାନନ ॥
ଭଗତ ଭାବେ ମତି ଭୋଳା । ପ୍ରସନ୍ନ ହୁଅ ଚଣ୍ଡୀବଳା ॥
ନମଇ ବ୍ୟାସ ମୁନିବର । ପୁରାଣ ବାକ୍ୟ କୃପାକର ॥୧୫॥
ମୋ ମନ ଶ୍ରୀକୃଷ୍ଣଚରଣେ । ଆଶ୍ରିତ ହେବି ଭୃତ୍ୟପଣେ ॥
ତାଙ୍କ ଦାସର ପରିଚାର । ଭୃତ୍ୟର କୋଟିକେ ଅନ୍ତର ॥
ଯେ ରୂପେ କରି ପ୍ରତିଆଶା । ଭବାବ୍ଧି ତରଣେ ଭରସା ॥
ଯେମନ୍ତେ ବାଞ୍ଛା ମୋର ଚିତ୍ତେ । ଶରଣ ପଦ୍ମ ପାଦଗତେ ॥
ରଖୁ ନ ରଖୁ ସେ ଜାଣନ୍ତି । ସେ ପାଦୁଁ ଅନ୍ୟେ ନାହିଁ ଗତି ॥୨୦॥
କୃଷ୍ଣଚରିତ ଶୁଣି କର୍ଣ୍ଣେ । ରାହାସ ଗୋଲୋକ ବିଧାନେ ॥
ଶ୍ରୀରାଧା କୃଷ୍ଣ ଚରିତ । ଗୁରୁଙ୍କ ଉପଦେଶ ତତ୍ତ୍ୱ ॥
ଶ୍ରୀରାଧାକୃଷ୍ଣ ନିତ୍ୟ ସ୍ଥାନେ । ଯେ କଥା ପୂର୍ବର ବିଧାନେ ॥
ଯେ କଥା ଅର୍ଜୁନ ପଚାରି । ଶ୍ରୀକୃଷ୍ଣ ଶ୍ରୀପୟର ଧରି ॥
ସେ କଥା ଅଗାଧ ଗହନ । ଥୋକାୟେ ଫୁରୁ ମୋର ମନ ॥୨୫॥

ଅର୍ଜୁନ ବେନି କର ଯୋଡ଼ି । ଶ୍ରୀକୃଷ୍ଣ ଶ୍ରୀପୟରେ ପଡ଼ି ।।
ବୋଲେ ଶୁଣିମା ଭଗବାନ । ଯେ ଅବା ସଂଶୟ ମୋ ମନ ।।
ତୁମ୍ଭ ଶ୍ରୀଚରଣେ ପୁଛଇ । ପ୍ରସନ୍ନେ କହିବା ଗୋସାଇଁ ।।
ହେ ଦେବଦେବ ଦାମୋଦର । ସଂଶୟ ଫେଡ଼ ମନୁ ମୋର ।।
ତୁମ୍ଭେ ମୋ ପ୍ରାଣ ପାଞ୍ଚଭୂତ । ସର୍ଜନା ତୁମ୍ଭର ଜଗତ ।।
ଯେଣୁ ପୁଛଇ ବିଦ୍ୟମାନେ । ଯେ ଅବା ସଂଶୟ ମୋ ମନ ।।
ତୁମ୍ଭ ବିତ୍ରକେ ଯେ ବିଷୟ । ଆନ କେ ଫେଡ଼ିବ ସଂଶୟ ।।
ସଂସାର ଯେତେବେଳେ ନାହିଁ । ନାମ ସ୍ୱରୂପ ହିଁ ନ ଥାଇ ।।
ନ ଥିଲେ ରବି ଶଶୀ ପୁଣ । ନ ଥିଲେ ଶୂନ୍ୟେ ତାରାଗଣ ।।
ନ ଥିଲା ପଞ୍ଚଭୂତ ସାର । ନ ଥିଲା ତ୍ରିଗୁଣ ପ୍ରକାର ।।
ତୁମ୍ଭେ କେମନ୍ତେ ଥିଲ କାହିଁ । କେମନ୍ତ ସ୍ୱରୂପରେ ରହି ।।
କେଉଁ ଥାନରେ ତୁମ୍ଭେ ଥାଅ । ନାମ ସ୍ୱରୂପ କାହୁଁ ବହ ।।
ଆଦି ସମ୍ଭୂତ କାହୁଁ ହେଲା । ନାମ ସ୍ୱରୂପ ପ୍ରକାଶିଲା ।।
ପ୍ରସନ୍ନେ କହିବ ଗୋସାଇଁ । ସଂଶୟ ମୋର ଚିତ୍ତୁଁ ଫେଇ ।।
ମୁଁ ତୁମ୍ଭ ଭୃତ୍ୟ ପରିଚାର । ମୋର ସଂଶୟ କର ଦୂର ।।
ସଖା ସୁହୃଦ ପରିମାଣି । ଯେଣୁ ଭରସା କଲି ପୁଣି ।।
ଯେ ପ୍ରଶ୍ନ ଅଭୟ ପୟରେ । ଯେଣୁ ମୁଁ ପୁଛଇ ଛାମୁରେ ।।
ଯେମନ୍ତେ ଆଜ୍ଞା ମୋତେ ହେବ । ମୋ ମନ ସଂଶୟ ତୁଟିବ ।।
ଯେତେ ବୋଲିଣ କର ଯୋଡ଼ି । କୃଷ୍ଣ ଚରଣତଳେ ପଡ଼ି ।।
ତା ଦେଖି ପ୍ରଭୁ ବ୍ରହ୍ମରାଶି । ବିମ୍ବ-ଅଧରେ ମନ୍ଦ ହସି ।।
ଶ୍ରୀକରେ ତୋଳିଲେ ଅର୍ଜୁନେ । ତା ଅଙ୍ଗ ପୋଛିଣ ବସନେ ।।
ବସାଇ ଆପଣା ଜାନୁରେ । କହନ୍ତି ବଚନ ଗମ୍ଭୀରେ ।।
ବୋଲନ୍ତି ବିଶ୍ୱାସ କରାଇ । ତୁମୋର ଅର୍ଦ୍ଧଆତ୍ମା ଦେହୀ ।।
ଶୁଣ ଅର୍ଜୁନ ରସ କଥା । ତୋହୋର ପ୍ରଶ୍ନର ବେବସ୍ଥା ।।
ସେ କଥା ଅଟଇ ଗୁପତ । ତୋ ଆଗେ ପ୍ରକାଶିବା ତତ୍ତ୍ୱ ।।
ଶ୍ରବଣେ ଶୁଣି ମନେ ଘେନ । ପ୍ରଘଟ ନୁହଇ ପ୍ରଶନ ।।
ପୂର୍ବେ ମୁଁ ପ୍ରେମ ମୟ ଚିତ୍ତେ । କହିଛି ରାଧାଙ୍କ ଅଗ୍ରତେ ।।
ସେ ରାଧା ମୋର ନିଜ ଦେହୀ । ତା ସମ ଆନ ନୋହି କେହି ।।

ତୁ ଯେଣୁ ଅର୍ଦ୍ଧଆତ୍ମା ମୋର । ତୋତେ କହିବା ସେ ବିଚାର ॥
ଗୁପତ କଥା ଯେ ଗହନ । ଶୁଣ ଅର୍ଜୁନ ଦେଇ ମନ ॥୫୫॥
ଦିନେ ମୁଁ ରାଧାର ଭୁବନେ । ଯେକାନ୍ତେ ଗଲି ରାତ୍ରମାନେ ॥
ସେହି ଯେକାନ୍ତ ଗୃହେ ଅଛି । ତା ପତି ଗୋଷ୍ଠେ ଯାଇଅଛି ॥
ଶାଶୁ ନଣନ୍ଦ ହିଁ ନ ଥିଲେ । ଗୃହେ କନ୍ଦଳ କରିଗଲେ ॥
ଯେମନ୍ତେ ସମୟରେ ତହିଁ । ତା ଗୃହେ ମିଳିଲି ମୁଁ ଯାଇଁ ॥
ମୋର ଆଗମ ଜାଣି ବାଳୀ । ତୋଳି ମାଣିକ୍ୟ ଦୀପାବଳି ॥୬୦॥
ଗୃହେ ପାୟୋଡ଼ା ପାତି କରି । ଦ୍ୱାର ନିକଟୁଁ ନେଲା ବରି ॥
ଶୀତଳ ଜଳେ ପାଦ ଧୋଇ । ପଲଙ୍କେ ବସାଇଲା ନେଇ ॥
ବସନେ ପୋଛି ମୋ ପୟର । ବିଞ୍ଚଣୀ ବିଞ୍ଚଇ ସଧୀର ॥
ସର ଲବଣୀ ଛେନା ଦହି । ସଙ୍ଗତେ ଶାକର ମିଶାଇ ॥
ଅମୃତପଣା ଗଙ୍ଗବାଣ । ଭୁଞ୍ଜାଇ ସନ୍ତୋଷ କରିଣ ॥୬୫॥
ବିବିଧ ସୁଗନ୍ଧ ଚନ୍ଦନ । ମୋ ଅଙ୍ଗେ ଲେପିଣ ବହନ ॥
ପୁଷ୍ପ ସୁବାସ ଗଭା ଶିରେ । ମାଳ ମୋ ଲମ୍ବାଇ ହୃଦରେ ॥
ତାମ୍ବୂଳ କର୍ପୂର ଭୁଞ୍ଜାଇ । କହଇ ଶୋକଭର ହୋଇ ॥
ଗଦ୍‌ଗଦ ଅଶ୍ରୁଗଳେ ତାର । ବୋଇଲା ଶୁଣ ଚକ୍ରଧର ॥
ମୋହୋର ଜନ୍ମ ଦୋଷ ଏହୁ । କାହାଗେ କହିବି ମୁଁ ଆଉ ॥୭୦॥
ହେ ଦେବଦେବ ଭଗବାନ । ତୁମ୍ଭ ବିତ୍ରକେ ନୋହି ଆନ ॥
ଶାଶୁ ନଣନ୍ଦ ନ ସହନ୍ତି । ନିତ୍ୟେ କୁବାଦ ମୋତେ ଦ୍ୟନ୍ତି ॥
ମୋର ଛାର ହୀନ ତିରି ନାରୀ । ଦୟା କି ଛାଡ଼ିଲ ଶ୍ରୀହରି ॥
ଶୁଣି ତା ଅମିଅ ବଚନ । ଉଠି ମୁଁ କଲି ଆଲିଙ୍ଗନ ॥
ଚୁମ୍ବନ ଦେଇ ମୁଖେ ପୁଣି । କୋଳେ ମୁଁ ବସାଇଲି ଆଣି ॥୭୫॥
କହିଲି ପୂର୍ବ କଥାମାନ । ଶ୍ରୀରାଧା କୃଷ୍ଣଙ୍କ ବିଧାନ ॥
ଶୁଣି ସନ୍ତୋଷ ହେଲା ବାଳୀ । ବୋଇଲା ଶୁଣ ବନମାଳୀ ॥
ଯେବେ ମୁଁ ତୁମ୍ଭ ପ୍ରାଣପ୍ରିୟା । କିପାଇଁ କର ମୋତେ ମାୟା ॥
ତୁମ୍ଭ ଆମ୍ଭର ଏକସ୍ଥାନ । କାହୁଁ କେମନ୍ତେ ହେଲା ଜନ୍ମ ॥
ତୁମ୍ଭେ ସେ ରହିଥିଲ କାହିଁ । ମୋହୋର ଜନ୍ମ କାହୁଁ ହୋଇ ॥୮୦॥
ଯେ କାଳେ ନ ଥିଲା ସଂସାର । ତୁମ୍ଭର ଥିତି କଉଁଠାର ॥

| | | |
|---|---|---|
| ମୋତେ ଯେ ସଙ୍ଗତରେ କରି । | ଜନମ ଲଭିଲ ଶ୍ରୀହରି | ॥ |
| ତୁମ୍ଭେ ସେ ଜାଣ ଆଦି ଅନ୍ତ । | ମୋ ଆଗେ କହ ପଦ୍ମନେତ୍ର | ॥ |
| ଆମ୍ଭେ ବୋଇଲୁ ତାହା ଶୁଣି । | ଶୁଣ ଗୋ ଆଦି ଜନ୍ମବାଣୀ | ॥ |
| ଆଦି ସମ୍ଭୂତ ଶୁଣ ରାଧା । | ଯହିଁକି ବଳିଲା ଶରଧା | ॥୮୫॥ |
| ମୁହି ମୋହୋର ତହୁଁ ଜାତ । | ମୁହିଁ ସେ ସୃଜିଲି ଜଗତ | ॥ |
| ତୋର ନିର୍ଣ୍ଣୟ ଦେବା କହି । | ଶୁଣ ତୁ ଯେକ ମନ ହୋଇ | ॥ |
| ମୋହୋର ନାହିଁ ଆଦି ଅନ୍ତ । | ଯେ କାଳେ ନ ଥାଇ ଜଗତ | ॥ |
| ନ ଥାଇ ରବି ଶଶୀ ତାରା । | ସ୍ୱର୍ଗ ପାତାଳ ବସୁନ୍ଧରା | ॥ |
| ନ ଥିଲେ ନାମ ରୂପ ଗୁଣ । | ସଂସାର ଯେ ବିଧି ଭିଆଣ | ॥୯୦॥ |
| ସେ କାଳେ ମୋର ଥାଏ ତନ । | ଗଗନ ଯେହ୍ନେ ସର୍ବଶୂନ୍ୟ | ॥ |
| ଯେ ଶୂନ୍ୟ ପରେ ଜ୍ୟୋତି ଜାଣ । | ତା ପରେ ମହାଶୂନ୍ୟ ପୁଣ | ॥ |
| ସେ ଶୂନ୍ୟ ଉପରେ ଚେତନା । | ଚେତନା ମଧ୍ୟେ ମୋର ଠଣା | ॥୯୩॥ |
| ଅଣଅକ୍ଷର ନିରାକାରେ । | ବୁଦ୍ବୁଦା ପ୍ରାୟେ ମୁଁ ଶୂନ୍ୟରେ | ॥ |
| ହେତୁ ଆସନ ଦୃଢେ ଧରି । | ମୁଁ ଥିଲି ଏକାନ୍ତେ ସେ ପୁରୀ | ॥୯୫॥ |
| ତହିଁ ମୋ ସୃଷ୍ଟି ଇଚ୍ଛା ହେଲା । | ମୋ ଦେହୁଁ ପ୍ରକୃତି ଜନ୍ମିଲା | ॥ |
| ଊର୍ମି ଦୂର୍ମି ସେ ଜ୍ୟୋତି ଜ୍ୱାଳା । | ବିନ୍ଦୁ ସହିତେ ପଞ୍ଚକଳା | ॥ |
| ଉଛୁଡ଼ି ପଡ଼ନ୍ତେ ଏ ପାଞ୍ଚ । | ସଲିଲ ଜଳେ ପଡ଼ି ସଞ୍ଚ | ॥୯୮॥ |
| ଜଳେ ପଡ଼ନ୍ତେ ପଞ୍ଚଭୂତ । | ତକ୍ଷଣେ ଯୋଗମାୟା ଜାତ | ॥ |
| ସେ ଯୋଗମାୟା ଆଦିଶକ୍ତି । | ଯେ ଅର୍ଦ୍ଧମାତ୍ରା ଶୂନ୍ୟସ୍ଥିତି | ॥୧୦୦॥ |
| ସେ କାଳରୂପ ନିଦ୍ରାଗତ । | ଜଳରୁ ହୋଇଲା ସମ୍ଭୂତ | ॥ |
| ସେ ଜଳେ ନ ପାରିଲା ରହି । | ଊର୍ମିରେ ଟଳ ଟଳ ହୋଇ | ॥ |
| ଦେଖିଲା କେହି ନାହିଁ ଜଣେ । | ବିଚାର କରଇ ଆପଣେ | ॥ |
| ମନରେ କରି ଗରୁ ତମ । | ନାଭିର ତଳୁଁ ଏକ ରୋମ | ॥ |
| ହୁଁକାର କରି ଉପାଡ଼ିଲେ । | ଓଁକାର କରି ତା ଥାପିଲେ | ॥ |
| ଭେଦିଲା ସପତ ବ୍ରହ୍ମାଣ୍ଡ । | ଜଳରେ ଜାଣି ମେରୁଦଣ୍ଡ | ॥ |
| ଓଁକାର ନାମ ତାକୁ ଦେଇ । | ଦେବୀ ବସିଲେ ତହିଁ ଯାଇ | ॥ |
| ତେବେ ସେ ନିଶ୍ଚଳ ନୋହିଲା । | ପୁଣି ହିଁ ଟଳ ଟଳ ହେଲା | ॥ |
| ଦେବୀ ବୋଇଲେ ତାହା ଜାଣି । | ତୁ ବ୍ରଜକୀଳା ହୁଅ ପୁଣି | ॥ |

ତୋତେ ମୁଁ ଦେଉଅଛି ବର । ବଜ୍ର ଯେ ହୋଉ ତୋ ଶରୀର ॥
ସେ ବଜ୍ରକୀଳା ବୋଲେ ଶୁଣି । ବର ତୁ ଯେବେ ଦେଲୁ ପୁଣି ॥
ତୁ ଆଦିମାତା ଶକ୍ତି ହେବୁ । ମୋତେ ତୁ ଲିଙ୍ଗ ସେ କରିବୁ ॥
ଯେ ଅଙ୍ଗେ ଭେଦି ମୁହିଁ ଥିବି । ସକଳ ସୃଷ୍ଟି ମୁଁ କରିବି ॥
ମୋ ତିହୁଁ ଛରିବ ସମସ୍ତ । ସକଳ ମନ୍ତ୍ର ଯନ୍ତ୍ର ତତ୍ତ୍ୱ ॥
ବେଦରେ ହୋଇବି ପ୍ରସିଦ୍ଧି । ପ୍ରଥମ ଉଚ୍ଚାରଣ ବିଧି ॥୧୧୫॥
ବେଦ ସେ ଆଗେ ମତେ ବରି । ସକଳ କର୍ମ ସେ ବିଚାରି ॥
ବଳେ ମୁଁ ହେବି ବଳୀୟାର । ବିରାଟ ନାମ ହେବ ମୋର ॥
ମୋ ଅନ୍ତ ନ ପାଇବେ କେହି । ଅନନ୍ତ ନାମ ହେବି ମୁହିଁ ॥
ଆବର ବଳଭଦ୍ର ଶେଷ । ମୋ ନାମ ହୋଇବ ବିଶେଷ ॥
ତା ଶୁଣି ଦେବୀ ଅସ୍ୱକଲେ । ସେ ବଜ୍ରକୀଳା ବୋଲାଇଲେ ॥
ଭେଦିଲେ ଦେବୀ ଆଦ୍ୟେ ଯାଇ । ଶକ୍ତିରେ ଲିଙ୍ଗ ପ୍ରାୟେ ହୋଇ ॥
ତା ଦେଖି ଯୋଗମାୟା ତୋଷ । ଯହୁଁ ଛରନ୍ତି ସବିରସ ॥
ସେ ବିନ୍ଦୁ ଯୋଗମାୟା ପରେ । ରହିଲେ ଅର୍ଦ୍ଧମାତ୍ରା ଶିରେ ॥
ଶେଷେ ଓଁ କାର ବୋଲାଇଲେ । ବେଦରେ ପ୍ରଣବ ହୋଇଲେ ॥
ଯାହାକୁ ଅଣାକ୍ଷର କହି । ସେ ବିନ୍ଦୁ ବ୍ରହ୍ମଅଛୁ ବହି ॥୧୨୫॥
ତହୁଁ ଜନ୍ମିଲା ଏକାକ୍ଷର । ଅନନ୍ତସର୍ପର ଆକାର ॥
ତାହାକୁ ସୁଷୁମୁନା କହି । ସେ ଶିଶୁବେଦ ଘର ସେହି ॥
ଅବାବି ମଣ୍ଡଳ ଅକ୍ଷର । ଯେ ମିଶି ଥାପନ ଓଁ କାର ॥
ସକଳ ଯନ୍ତ୍ର ମନ୍ତ୍ର ସାର । ଆଗେ ଉଚ୍ଚାରନ୍ତି ଓଁକାର ॥
ତାର ନ ମିଶି ଶୁଦ୍ଧ ନୋହି । ସକଳ ମନ୍ତ୍ର ବୀଜ ସେହି ॥୧୩୦॥
ତୋତେ କହିବା ଯାହା ସାକ୍ଷ । ପୂର୍ବଜନ୍ମର ଯେ ପ୍ରତକ୍ଷ ॥
ତାକୁ ଓଁ କାର ବୋଲି କହି । ଶୁଣ ରାଧିକା ଚନ୍ଦ୍ରମୁହିଁ ॥
ଯାହା ମୁଁ କହିଲ ତେହୋରେ । ଗୁପତ ସଂସାର ପ୍ରକାରେ ॥
ପ୍ରେମ ଭାବରେ କହିଲଇଁ । ଶୁଣ ରାଧିକା ତୋଷ ହୋଇ ॥
ଶୁଣିଲୁଟି କି ବୀର ପାଥ । ଯାହା କହିଲୁ ରାଧାଗ୍ରତ ॥୧୩୫॥
ପ୍ରଘଟ ନ କରିବୁ କାହିଁ । ରଖ ତୁ ମନରେ ପୂରୋଇ ॥
ଯେ ବ୍ରହ୍ମଗୀତା ପ୍ରେମରସ । ଶ୍ରୀକୃଷ୍ଣ ଶ୍ରୀମୁଖୁଁ ପ୍ରକାଶ ॥

| | | | |
|---|---|---|---|
| ଯେହା ଯେ ଶ୍ରବଣେ ଶୁଣନ୍ତି | । | କି ଅବା ବଦନେ ଗୁଣନ୍ତି | ॥ |
| ସକଳ ପାପୁଁସେ ନିସ୍ତରେ | । | ଅନ୍ତେ ଗମଇ ଗୋଲୋକରେ | ॥ |
| ଶୁଣି ଅର୍ଜୁନ ମନେ ତୋଷ | । | ଯାହା କହିଲେ ପୀତବାସ | ॥୧୪୦॥ |
| ଅମୃତୁଁ ଅଧିକ ଯେ ଜ୍ଞାନ | । | ସୁଜନେ ପିଅ ଶ୍ରୁତିପାନ | ॥ |
| ଯେ ଗୀତ ପଦଗନ୍ଧ ରସ | । | କହଇ ଯଶୋବନ୍ତ ଦାସ | ॥ |
| ପଣ୍ଡିତେ ଦୋଷ ମୋ ନ ଧର | । | ମୁଁ ତୁମ୍ଭ ଭାତ୍ୟ ପରିଚାର | ॥ |
| କୃଷ୍ଣଚରଣେ କରି ଆଶ | । | ଶରଣ ଯଶୋବନ୍ତ ଦାସ | ॥ |

**ଶବ୍ଦାର୍ଥ**

ଶଙ୍ଖା- ପୁରାଣ ବର୍ଣ୍ଣିତ ଶଙ୍ଖାସୁର। ଏ ବେଦ ପୋଥି ଚୋରି କରି ନେବାରୁ ଭଗବାନ ମୀନ ଅବତାରରେ ତାକୁ ବଧ କରି ବେଦ ଉଦ୍ଧାର କରିଥିଲେ।

ମେଦିନୀ ଥାପିଲ ନିଶ୍ଚଳେ- କଚ୍ଛପ ବା କୂର୍ମ ଅବତାରରେ ଭଗବାନ ନିଜ ପିଠିରେ ବସୁନ୍ଧରାକୁ ଧାରଣ କରିଥିଲେ।

ନରହରି- ନରସିଂହ ରୂପ। ଏଇ ଅବତାରରେ ଭଗବାନ ହିରଣ୍ୟ କଶ୍ୟପକୁ ବିଦାରଣ କରିଥିଲେ।

ଅନ୍ଧକ- ଦିତିଙ୍କର ଦେବ ଅବଧ ପୁତ୍ର। ଏ ଅନ୍ଧଭଳି ଆଚରଣ କରିଥିଲେ। ସହସ୍ର ବାହୁ, ସହସ୍ର ପଦ ଓ ସହସ୍ର ଶିର ବିଶିଷ୍ଟ ଏହି ଅସୁରକୁ ଶିବ ମନ୍ଦର ପର୍ବତ ଉପରେ ବନ୍ଧ କଲେ। ସେହି ଦିନରୁ ଶିବଙ୍କ ନାମ ଅନ୍ଧକାରି ବା ଅନ୍ଧକାନ୍ତକ ହୋଇଛି।

ତ୍ରିପୁରା- ତାରକାସୁରର ତିନି ପୁଅ- ତାରାକାକ୍ଷ, କମଳାକ୍ଷ, ବିଦ୍ୟୁନ୍ମାଳୀ। ଏମାନେ କଠୋର ତପସ୍ୟା କରି ବ୍ରହ୍ମାଙ୍କଠାରୁ ବରଲାଭ କରିଥିଲେ।

ମୟଦାନବ ବିରଚିତ ସୁବର୍ଣ୍ଣ, ରଜତ ଓ ଲୌହପୁର ତ୍ରୟରେ ଏମାନେ ଅବସ୍ଥାନ କରୁଥିଲେ। ଦେବତାମାନଙ୍କୁ ପୀଡ଼ାଦେବାରୁ ଦେବଗଣ ଶିବଙ୍କୁ ସ୍ତୁତି କଲେ। ସହସ୍ର ବର୍ଷ ପରେ ପୁତ୍ରତ୍ରୟ ମିଳିତ ହେବା ସମୟରେ ପାଶୁପତ ଅସ୍ତ୍ରରେ ଶିବ ଏଇ ପୁତ୍ରତ୍ରୟକୁ ଭସ୍ମ କରିବା ସହିତ ରାକ୍ଷସମାନଙ୍କୁ ନିହତ କରିଥିଲେ। ତେଣୁ ତାଙ୍କ ନାମ ତ୍ରିପୁରାରି ହୋଇଛି।

ପରିଚାର-ସେବକ/ପରିଚର୍ଯ୍ୟାକାରୀ
ଭାବ୍ଧି-ସଂସାର ରୂପକ ସମୁଦ୍ର।

ଗୋଲାକ ରାହାସ - ନିତ୍ୟରାସ/ ଜ୍ଞାନମିଶ୍ରା ଯୋଗ ପଣ୍ଡିତ ଭକ୍ତି ଧର୍ମରେ ଗୋଲହାଟ ମଣ୍ଡପରେ ସହସ୍ର ଦଳ ଚକ୍ରରେ ନିତ୍ୟରାସ ହୁଏ ବୋଲି ବର୍ଣ୍ଣିତ ଅଛି। ନୀଳାଚଳର ରତ୍ନ ବେଦୀକୁ ମଧ୍ୟ କେତେକ ନିତ୍ୟ ରାସସ୍ଥଳ ଭାବରେ ସ୍ୱୀକାର କରିଛନ୍ତି।

ବିତ୍ରକେ- ବ୍ୟତିରେକେ । ସଂଶୟ-ସନ୍ଦେହ ।

ପଞ୍ଚଭୂତ- କ୍ଷିତି, ଆପ୍, ତେଜ, ମରୁତ୍, ବ୍ୟୋମ । ତ୍ରିଗୁଣ- ସତ୍ତ୍ୱ, ରଜ ତମ ।

କନ୍ଦଳ-କଳହ ।

ଆଗମ-ଆଗମନ

ପାୟେଡ଼ା- ଗାଲିଚା, ଦେବାଦେବୀଙ୍କ ପହଣ୍ଡିବେଳେ ଭୂମିରେ ବିଛା ଯାଉଥିବା ଲୁଗା ।

ବହନ- ଶୀଘ୍ର ।

ଗଭା-ଜୁଡ଼ା/କବରୀ ।

ବିତ୍ରକେ- ବ୍ୟତୀତ ।

କୁବାଦ-ଅପବାଦ/ନିନ୍ଦା ।

ତିରି-ସ୍ତ୍ରୀ ।

ଅମିଅ- ଅମୃତ ।

ଥିତି-ସ୍ଥିତି ।

ତନ-ଶରୀର ।

ବୁଦ୍‌ବୁଦା- ପାଣିଫୋଟକା/ଶୂନ୍ୟରେ ପ୍ରକାଶମାନ ଜ୍ୟୋତି ।

ଉର୍ମି, ଧୂମ, ଜ୍ୟୋତି, ଜ୍ୱାଳା ବିନ୍ଦୁ-ପାଞ୍ଚକଳା ।

ସତ୍ତ - ସୁନ୍ଦର ।

ଛରିବ- କ୍ଷରିବ / ଜାତକେଃ ।

ପ୍ରଥମ ଉଚ୍ଚାରଣ ବିଧି-ଓଁ ।

ବଜ୍ର କୀଳା- ଜ୍ଞାନ ମିଶ୍ରା ସାଧନାରେ ସୃଷ୍ଟି ତତ୍ତ୍ୱରେ ବ୍ରହ୍ମାଙ୍କୁ ବଜ୍ର କୀଳା ଭାବରେ ସ୍ୱୀକାର କରାଯାଇଛି । ପ୍ରକୃତିର ସହଯୋଗରେ ଏଇ ବ୍ରଜ କୀଳାରୁ ହିଁ ସୃଷ୍ଟି ସମ୍ଭବିଲା । ସେ ପରମଶିବ ଭାବରେ ମଧ ଗୃହୀତ । ଓଁର ଉପରଭାଗ ନ୍ୟାସିକୁ ମଧ ବ୍ରଜଲୀଳା କୁହାଯାଏ ।

୧୨୪ ।। ପ୍ରଣବ- ଓଁକାର ।

୧୨୫ ।। ଅଣାକ୍ଷର-ଅକ୍ଷର ହୀନ ପରମ ବ୍ରହ୍ମ । କୌଣସି ଅକ୍ଷର ଯୋଗେ ତାଙ୍କୁ ଜାଣି ହୁଏନା ।

୧୨୬ ।। ଏକାକ୍ଷର-ଓଁ ।

୧୨୭ ।। ସୁଷୁମନା-ମଧନାଡ଼ି / ଇଡ଼ା ଓ ପିଙ୍ଗଳାର ମଧ୍ୟବର୍ତ୍ତୀ ସ୍ଥାନ । ଯୋଗ ସାଧନାରେ ଏହି ନାଡ଼ି ମଧ ଦେଇ ପ୍ରାଣବାୟୁ ଗତାଗତ କରେ ।

୧୨୮ ।। ଅବାବି ମଣ୍ଡଳ- ବାୟୁଶୂନ୍ୟ ସ୍ଥାନ ।

## ୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ଜ୍ଞାନ ମିଶ୍ରା ଭକ୍ତି ଧର୍ମର ଏକ ଆଧାର ଗ୍ରନ୍ଥ ଭାବରେ ପ୍ରେମଭକ୍ତି ବ୍ରହ୍ମଗୀତା ଗ୍ରନ୍ଥର ମୂଲ୍ୟାୟନ କର।

(୨) ପ୍ରେମଭକ୍ତି ବ୍ରହ୍ମଗୀତାରେ ଓଡ଼ିଶୀ ଜ୍ଞାନ ମାର୍ଗୀ ବୈଷ୍ଣବଙ୍କ ସାଧନା ପଦ୍ଧତି ଆଲୋଚିତ ହୋଇଛି ବିଚାର କର।

(୩) ପ୍ରେମଭକ୍ତି ବ୍ରହ୍ମଗୀତାରେ ବର୍ଣ୍ଣିତ ସୃଷ୍ଟି ତତ୍ତ୍ୱ ସମ୍ପର୍କରେ ବିଚାର କର।

(୪) ପ୍ରେମଭକ୍ତିର ବ୍ରହ୍ମଗୀତାରେ ବର୍ଣ୍ଣିତ ରାଧା, କୃଷ୍ଣ ଓ ପ୍ରେମଭକ୍ତି ତତ୍ତ୍ୱ ବିଷୟରେ ଆକଳନ କର।

(୫) ପ୍ରେମଭକ୍ତି ସାଧ୍ୟ ଦେବତା ଜଗନ୍ନାଥ। ପଠିତ ଗ୍ରନ୍ଥ ଆଧାରରେ ପ୍ରମାଣ କର।

## ୨.୭ ସହାୟକ ଗ୍ରନ୍ଥସୂଚୀ


- କୋଣାର୍କ- ପଞ୍ଚସଖା ବିଶେଷାଙ୍କ।
- ସଖା ଯଶୋବନ୍ତ- ଡକ୍ଟର ଗୌରାଙ୍ଗ ଚରଣ ରାୟ
- ଯଶୋବନ୍ତ ରଚନାବଳୀ- ସମ୍ପାଦନା- ଗୌରାଙ୍ଗ ଚରଣ ରାୟ-ଆର୍ଯ୍ୟ ପ୍ରକାଶକ
- ପ୍ରେମଭକ୍ତି ବ୍ରହ୍ମଗୀତା-ସମ୍ପାଦନା- ପ୍ରଦୀପ୍ତ କୁମାର ପଣ୍ଡା- ବୁକ୍‌ସ ଆଣ୍ଡ ବୁକ୍‌ସ

# ତୃତୀୟ ଏକକ : ଶିଶୁ ଅନନ୍ତ ଦାସ – ହେତୁ ଉଦୟ ଭାଗବତ

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ହେତୁ ଉଦୟ ଭାଗବତ ଓ ଶିଶୁ ଅନନ୍ତଦାସ

୩.୫ ହେତୁ ଉଦୟ ଭାଗବତ

୩.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୭ ସହାୟକ ଗ୍ରନ୍ଥ


## ୩.୧ ପଠନର ଉଦ୍ଦେଶ୍ୟ

- ହେତୁ ଉଦୟ ଭାଗବତ ଏକ ସାଧନ ଗ୍ରନ୍ଥ । ଏହାକୁ ପାଠ କରିବା ଦ୍ୱାରା ବିଦ୍ୟାର୍ଥୀଗଣ ମଧ୍ୟଯୁଗ ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଭକ୍ତି ସାଧନାର ସ୍ୱରୂପ ସମ୍ପର୍କରେ ଅବଗତ ହୋଇପାରିବେ ।
- ମଧ୍ୟକାଳୀନ ବୈଷ୍ଣବ ସାଧନା ଦ୍ୱିଧା ବିଭକ୍ତ ଥିଲା । ଗୋଟିଏ ଭକ୍ତି ମାର୍ଗୀ । ଅନ୍ୟଟି ଜ୍ଞାନ ମାର୍ଗୀ ।
- ଚୈତନ୍ୟ ଓ ବଙ୍ଗୀୟ ବୈଷ୍ଣବ ସାଧକମାନଙ୍କୁ ନେଇ ଭକ୍ତି ସାଧନା ପ୍ରସାରିତ ହେଉଥିବା ବେଳେ ଓଡ଼ିଶାର ପଞ୍ଚସଖା ସାଧକ ଗୋଷ୍ଠୀଙ୍କୁ ନେଇ ଜ୍ଞାନ ସାଧନା ପ୍ରସାରିତ ହେଉଥିଲା ।
- ଶିଶୁ ଅନନ୍ତ ଦାସ ପଞ୍ଚସଖା ସାଧନା ଧାରାର ଜଣେ ପ୍ରମୁଖ କବି ଥିଲେ ଓ ହେତୁ ଉଦୟ ଭାଗବତ ତାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରୁ ଏକ ପ୍ରମୁଖ ସାଧନ ଗ୍ରନ୍ଥ ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଗ୍ରନ୍ଥର ଶିକ୍ଷଣୀୟ ବିଷୟ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ପରମ୍ପରା । ପଠାଣ ଓ ମୋଗଲମାନଙ୍କ ଦ୍ୱାରା ଆସିତ ମନୋବଳ ହରେଇ ସାରିଥିବା ଓଡ଼ିଆ ସମାଜକୁ ସନ୍ଥ କବିମାନେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ । ଶକ୍ତି ସାଧନା କରି ବିଦେଶୀ ଶାସକଙ୍କୁ ପରାହତ କରିବାର ପରାକ୍ରମ ଏମାନଙ୍କଠାରେ ନଥିଲା । ଅଯଥା ପରାଜୟର ଗ୍ଲାନିରେ ସଢିବା ଅପେକ୍ଷା ବରଂ ଅନ୍ତର୍ମୁଖୀ ସାଧନାରେ ଅଧିକ ସମୟ ଲିପ୍ତ ହେବା ପାଇଁ ଏମାନେ ସାଧାରଣ ଜନତାଙ୍କୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ ଗୁରୁଙ୍କର ସହାୟତା ଏକାନ୍ତ ଅପରିହାର୍ଯ୍ୟ । ପୁଣି ସନ୍ନ୍ୟାସାଶ୍ରମର ମଧ୍ୟ ପ୍ରୟୋଜନ ନାହିଁ । ଗୃହସ୍ଥାଶ୍ରମରେ ରହି ନିର୍ଲିପ୍ତ ଭାବରେ

ଆତ୍ମସାଧନା କରିବାର ସହଜ ଉପାୟ ପଞ୍ଚସଖା ସନ୍ଥ କବିଗଣ ଓଡ଼ିଶାର ସାଧାରଣ ଜନତାଙ୍କୁ ବତାଇ ଦେଇଥିଲେ । ଫଳତ ଏମାନେ ଧନ, ମାନ ସମ୍ମାନ ଓ ଶୌର୍ଯ୍ୟ ବୀର୍ଯ୍ୟ ହାନୀର ପରାଭବରୁ ରକ୍ଷା ପାଇଯାଉଥିଲେ । ଇଷ୍ଟଦେବତା ଜଗନ୍ନାଥଙ୍କୁ କେନ୍ଦ୍ର କରି ଏହି ସାଧନା ଧାରାର ପ୍ରସାର ହୋଇଥିଲା । ହେତୁ ଉଦୟ ପରି ଗ୍ରନ୍ଥରୁ ଏହିସବୁ ଶିକ୍ଷଣୀୟ ବିଷୟ ବିଦ୍ୟାର୍ଥୀଗଣ ଶିକ୍ଷା କରିପାରିବେ ।

## ୩.୩ ବିଷୟ ପ୍ରବେଶ

ହେତୁ ଉଦୟ ଭାଗବତର କବି ଶିଶୁ ଅନନ୍ତ ଦାସ । ସେ ଓଡ଼ିଶାରେ ପଞ୍ଚସଖା ଉପାସନା ଧାରାର କବି ଥିଲେ । ଆନୁମାନିକ ଖ୍ରୀଷ୍ଟୀୟ ୧୪୮୬ରେ ସେ ଆଧୁନିକ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଗ୍ରାମରେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ କପିଳ ଓ ମାତା ଗୌରୀଦେବୀ ଥିବା ଜଣାଯାଏ । ଶ୍ରୀଚୈତନ୍ୟଙ୍କ ଆଦେଶରେ ନିତ୍ୟାନନ୍ଦ ତାଙ୍କୁ ଦୀକ୍ଷା ଦେଇଥିଲେ ବୋଲି କେତେକ ପ୍ରାଚୀନ ପୁସ୍ତକରୁ ଜଣାଯାଏ । କିନ୍ତୁ ତାଙ୍କର ସାଧନାକ୍ରମ ଓ ରଚିତ ପୁସ୍ତକଗୁଡ଼ିକୁ ଦେଖିଲେ ତାଙ୍କ ଉପରେ ଚୈତନ୍ୟ ଦୀକ୍ଷାରେ କୌଣସି ପ୍ରଭାବ ପଡ଼ି ନଥିବା ଅନୁମତି ହୁଏ । ଯଦିବା ସେ ଔପଚାରିକତା ଦୃଷ୍ଟିରୁ ଚୈତନ୍ୟ ପରମ୍ପରାର ସାଧକ ନିତ୍ୟାନନ୍ଦଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ, କିନ୍ତୁ ଚୈତନ୍ୟଙ୍କ ପ୍ରେମଭକ୍ତି ସାଧନାକୁ ସେ ଭିନ୍ନ ରୂପରେ ଗ୍ରହଣ କରି ଉତ୍କଳୀୟ ଜ୍ଞାନ ସାଧନାକୁ ଆପଣେଇ ନେଇଥିଲେ । ହେତୁ ଉଦୟ ଭାଗବତ ତାଙ୍କର ସାଧନା ଧାରାର ଏକ ଅନ୍ୟତମ ଦୃଷ୍ଟାନ୍ତ । ଏହା ବ୍ୟତୀତ ସେ ଅର୍ଥତାରେଣୀ, ଗୁପ୍ତଟୀକା, ଚୁମ୍ବକ ମାଳିକା, ଧାମଛତ୍ର, ସିଦ୍ଧଗୁରୁ ପ୍ରଣାଳୀ, ବୈଷ୍ଣବ ଆଚରଣ, ଶିଶୁ ମନ୍ତ୍ର ବିଚାର, ଅଣାକାର ଶବଦ, ପିଣ୍ଡ ବ୍ରହ୍ମାଣ୍ଡ ଗୀତା ଓ ଗରୁଡ଼ କେଶବ ଚଉତିଶା ଆଦି ଗ୍ରନ୍ଥ ରଚନା କରିଥିବା ଗବେଷକମାନେ ସ୍ୱୀକାର କରନ୍ତି । ସବୁ ଗ୍ରନ୍ଥ ତାଙ୍କ ସାଧନା ଧାରା ଉପରେ ଆଧାରିତ । ତାଙ୍କ ସମ୍ପ୍ରଦାୟର ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ । ଅନନ୍ତ ଦାସ ଶିଶୁ ସମ୍ପ୍ରଦାୟର ପ୍ରତିଷ୍ଠାତା ଥିଲେ । ଏଥିପାଇଁ ଓଡ଼ିଶୀ ବୈଷ୍ଣବମାନଙ୍କ ମଧ୍ୟରେ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ । ଓଡ଼ିଶାରେ ଶିଶୁ ଅର୍ଜୁନ ଦାସ, ଶିଶୁ ବନମାଳୀ ଦାସ, ଶିଶୁ କୃଷ୍ଣଦାସ ପ୍ରଭୃତି ଶିଶୁ ସମ୍ପ୍ରଦାୟର ଅନେକ କବି ଥିବା ଓଡ଼ିଆ ସାହିତ୍ୟର ଇତିହାସରୁ ଜଣାଯାଏ । ଶିଶୁ ଅନନ୍ତଙ୍କର ପ୍ରଧାନ ଶିଷ୍ୟ ଥିଲେ ସିଦ୍ଧବାରଙ୍ଗ । ସେ ମଧ୍ୟ ଗୁରୁଶିଷ୍ୟ ପରମ୍ପରା ଓ ପିଣ୍ଡବ୍ରହ୍ମାଣ୍ଡବାଦ ସମ୍ପର୍କରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ବାଲିପାଟଣାଠାରେ ଆଜି ମଧ୍ୟ ଶିଶୁ ଅନନ୍ତଙ୍କ ସମାଧି ଗାଦୀ ରାହିଅଛି । ସନ୍ଥ କବିଙ୍କ ଦ୍ୱାରା ପୂଜିତ ଶ୍ରୀମୂର୍ତ୍ତି ଦେବ (ଜଗନ୍ନାଥଙ୍କ ଦଧିବାମନ ମୂର୍ତ୍ତି) ଏବେ ମଧ୍ୟ ସେ ଅଞ୍ଚଳରେ ଅଗଣିତ ଭକ୍ତ ଜନତାଙ୍କ ଦ୍ୱାରା ପରିପୂଜିତ ହେଉଛନ୍ତି ।

## ୩.୪ ହେତୁଉଦୟ ଭାଗବତ ଓ ଶିଶୁ ଅନନ୍ତ ଦାସ

ହେତୁ ଓ ମନଙ୍କ ସମ୍ବାଦ ଛଳରେ ରଚିତ ଏକ ଦଶ ଅଧ୍ୟାୟ ବିଶିଷ୍ଟ ଜ୍ଞାନ ସାଧନା ଗ୍ରନ୍ଥ ହେତୁଉଦୟ ଭାଗବତ । ହେତୁ ଅର୍ଥ ଆତ୍ମଜ୍ଞାନଯୁକ୍ତ ଚେତନା । ନାନାଦି ବିଷୟ ବାସନାରେ ଜନିତ ମନକୁ ସଂଯତ ଓ ସୁସ୍ଥ ରହି ଆତ୍ମଜ୍ଞାନରେ ଜ୍ଞାନୀ ହେବା ପାଇଁ ଚେତନାର ଉପଦେଶ ହିଁ ହେଉଛି 'ହେତୁ ଉଦୟ' । ଥରେ ହେତୁ ଉଦୟ

ହୋଇଗଲେ ଆଉ ଜୀବ ବାସନା ଜାଲରେ ଛନ୍ଦି ହେବ ନାହିଁ। ତା'ର ମୁକ୍ତିର ଦ୍ୱାର ଉନ୍ମୋଚିତ ହୋଇଯିବ। ଏଥିପାଇଁ ମୋହଗ୍ରସ୍ତ ଜୀବର ପ୍ରଧାନ ସହାୟକ ହେଉଛନ୍ତି ଗୁରୁ। କବି ଗ୍ରନ୍ଥ ଆରମ୍ଭରେ ସେଥିପାଇଁ ଗୁରୁଙ୍କୁ ବନ୍ଦନା କରିଅଛନ୍ତି-

ବନ୍ଦଇ ଶ୍ରୀଗୁରୁ ଚରଣ। ଗୁରୁ ଜୀବର ପରିତ୍ରାଣ।
ଗୁରୁଟି ଆପେ ବ୍ରହ୍ମରାଶି। କାଳ ସ୍ୱରୂପ ତମ ଗ୍ରାସୀ।
ଶ୍ରୀଗୁରୁ ଆଦିଶକ୍ତି ହୋଇ। ଆଦି ଅନାଦି ନାମ ବହି।"

ଏଇ ଗୁରୁଙ୍କର କରୁଣାରୁ ତାଙ୍କୁ ଥରେ ଦିବ୍ୟ ସାଧନା ମଣ୍ଡପ ଦୃଶ୍ୟ ହୋଇଥିଲା। ଭବ ସାଗର ଜଳରୁ ଗୁରୁ ତାଙ୍କୁ ହାତଧରି ନେଇ ଯାଇଥିଲେ। ସେଇ କାଳ୍ପନିକ ସ୍ଥଳର ବର୍ଣ୍ଣନା ପ୍ରଦାନ କରି କବି ଲେଖିଛନ୍ତି-

"ଦ୍ୱୀପର ନାମ ଧବଳାଙ୍ଗ। କୋଟିୟେ ଯୁଗେ ନୁହେ ଭଙ୍ଗ।
ସାଗେର ଘୋଟିଅଛି ରହି। ସପତ ଦ୍ୱୀପୁଁ ଶ୍ରେଷ୍ଠ ହୋଇ।
କିସ କହିବା ତହିଁ ଗୁଣ। ଇନ୍ଦ୍ର ସମ୍ପତ୍ତି ତୁଚ୍ଛ ମଣ।"

ଏଇଭଳି ଦ୍ୱୀପରେ ଏକ ସୁନ୍ଦର ମଣିମୟ ମଣ୍ଡପ। ସେଠାରେ ଅତି ସୁନ୍ଦରୀ ସୁକୁମାରୀ କନ୍ୟାଗଣ ବିରାଜମାନ। ଗୋଟିଏ ହେଲେ ପୁରୁଷର ସ୍ଥାନ ସେଠାରେ ନାହିଁ। ଏହା ଦେଖି କବି ସ୍ୱପ୍ନରେ ଚେତା ହରାଇ ବସିଛନ୍ତି। ଗୁରୁ ତାଙ୍କ ମସ୍ତକରେ ହସ୍ତ ନ୍ୟସ୍ତ କରିବାରୁ ସେ ଚେତା ଫେରିପାଇଛନ୍ତି। ଚେତିବାରୁ ତାଙ୍କୁ ଗୁରୁ ଉପଦେଶ ଦେଇଛନ୍ତି-

"ବେଳହୁଁ ଗୋବିନ୍ଦ ସୁମର। ତୋ ପଛେ ଗୋଡ଼ାଇଛି କାଳ।
ସେ କାଳ ଘଉଡ଼ିଣ ତୁହି। ସତ ଶାନ୍ତିରେ ରଖ ଦେହୀ।
ଭ୍ରୂଲତା ମଧ୍ୟେ ହେତୁରଖ। ସକଳ କଳ୍ମଷ ଉପେଖ।
ଅମନ ସଙ୍ଗେ ମନ ଦେଇ। ନିଗମ ଭେଦ କର ତହିଁ।
ଶ୍ରୀଗୁରୁ ପଦେ ଚିତ୍ତ ଥିଲେ। ଏ ସ୍ଥଳ ଲଭଇ ସେ ଭଲେ।"

ଏହାପରେ ଦ୍ୱିତୀୟ ଅଧ୍ୟାୟଠାରୁ ଦଶମ ଅଧ୍ୟାୟ ପର୍ଯ୍ୟନ୍ତ ହେତୁ ଓ ମନର କଥୋପକଥନ ବର୍ଣ୍ଣିତ। ପ୍ରସଙ୍ଗତଃ ଆସିଛି ଜ୍ଞାନ ମିଶ୍ରା ସାଧନା ପରମ୍ପରାର ସୃଷ୍ଟି ପ୍ରକ୍ରିୟା, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଗୁରୁ ତତ୍ତ୍ୱ, ନାମ ତତ୍ତ୍ୱ, ଧାମ ତତ୍ତ୍ୱ, ରାଧା-କୃଷ୍ଣ ତତ୍ତ୍ୱ ଆଦି। ଛୋଟ ଛୋଟ ସୁନ୍ଦର କାହାଣୀ ମାଧ୍ୟମରେ କବି ଆପଣାର ଭକ୍ତମାନଙ୍କୁ ଜଟିଳ ଜ୍ଞାନ ସାଧନାର କଥା କହିଛନ୍ତି। ସମଗ୍ର ଗ୍ରନ୍ଥରେ କବି 'ମନ' ଓ 'ଗୁରୁ' ଦୁଇଟି କଥା ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ମନକୁ ସ୍ଥିର, ନିର୍ମଳ ରଖିପାରିଲେ ଗୁରୁକୃପା ଆପେ ପ୍ରାପ୍ତ ହେବ। ମନ ହିଁ ସାଧକର ଗୁରୁ ଓ ମନ ହିଁ ସ୍ୱୟଂ ବାସୁଦେବ। ଏଇ ମନ ପୁଣି ଯେତେବେଳେ ଅମାନିଆ ହୁଏ ଠିକ ପାଗଳା ହାତୀ ପରି ଆଚରଣ କରେ। ହାତୀକୁ ଆୟତ୍ତ କରିବାପାଇଁ ଯେ ପରି ଙ୍କୁଶ ବ୍ୟବହାର କରାଯାଏ ସେପରି ମନରୂପୀ ମତ୍ତଗଜକୁ ଆୟତ୍ତାଧୀନ କରିପାରିବ ହେତୁ। ହେତୁ ଉଦୟ ହେଲେ ସାଧକର ସାଧନା ପୂର୍ଣ୍ଣ ହେବ। ସେ ଆତ୍ମଦର୍ଶୀ

ହୋଇଯିବ । ଭିତରର ସବୁ ରହସ୍ୟ ତାକୁ 'ଜକମକ' ହୋଇ ଦିଶିବ । ସେତେବେଳେ ଆଉ ତାକୁ ବ୍ରତ ଉପବାସ କରିବା, ମାଟି ପଥରର ଦିଅଁ ପୂଜିବା, ତଡ଼ାଗ ପୁଷ୍କରିଣୀ ଖୋଳିବା ବା ତୀର୍ଥସ୍ଥାନ ଭ୍ରମଣ କରିବା ଦରକାର ନାହିଁ । ଗୁରୁଙ୍କ କୃପାରୁ ହେତୁ ଉଦୟ ହେଲେ ସାଧକ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ । ସେଇଠି ସେ ଜୀବ ଓ ପରମର ନିତ୍ୟ ମିଳନ ସଂଦର୍ଶନ କରିପାରିବ । ଏହା ହିଁ ହେତୁ ଉଦୟ ଭାଗବତର ବାଣୀ ।

ଗ୍ରନ୍ଥର ଶେଷରେ ପୁଣି ଗୁରୁଙ୍କୁ ବନ୍ଦନା କରାଯାଇଛି । ଗୁରୁ ଶିଷ୍ୟର ଗତି ମୁକ୍ତିଦାତା । ଗୁରୁ ଆଲୋକ ବର୍ତ୍ତିକା ପରି । ସେହି ପରଂବ୍ରହ୍ମଙ୍କର ସାକାର ରୂପ । ତାଙ୍କରି କୃପା ହେଲେ ପଙ୍ଗୁଗିରି ଲଙ୍ଘିଯିବ । ମୂକ ହେବ ବାଚାଳ । ଭାରତର ସବୁ ସାଧନାର ଧାରାରେ ଏଇ ଗୁରୁଙ୍କର ସ୍ଥାନ ଖୁବ୍ ଉଚ୍ଚରେ । କାଳର ସବୁ ନିରାଶା, ହତାଶା, ଦୁଃଖ, ଦାରିଦ୍ର୍ୟରୁ ରକ୍ଷା କରିବେ ଶ୍ରୀଗୁରୁ । ସେଇ ଗୁରୁ ହିଁ ବ୍ୟକ୍ତିଠାରେ ହେତୁର ଜାଗ୍ରତ କରାଇବେ । ହେତୁ ଜାଗିଲେ ଜୀବ ସକଳ ଦୁଃଖରୁ ମୁକ୍ତ ହୋଇ ପରମ କାରୁଣିକ ପରମାତ୍ମାଙ୍କ ନିତ୍ୟ ସୁଖର ସନ୍ଧାନ କରିପାରିବ । ସେଇ ହିଁ ପ୍ରକୃତ ସ୍ୱର୍ଗ ସୁଖ । ଇନ୍ଦ୍ର ସମ୍ପତ୍ତି,ବ୍ରହ୍ମାପଦ ବା ରୁଦ୍ରପଦ ତା' ତୁଳନାରେ କିଛି ନୁହେଁ । କବି ଅନନ୍ତ ଦାସ ସେଥିପାଇଁ ଶିଶୁ ଭାବରେ ନିତ୍ୟ ଶ୍ରୀଗୁରୁଙ୍କ ଶ୍ରୀଚରଣରେ ସମର୍ପିତ ହେବାପାଇଁ ଭକ୍ତ/ ପାଠକମାନଙ୍କୁ ପରାମର୍ଶ ଦେଇଛନ୍ତି ।

ହେତୁ ଉଦୟ ଭାଗବତ ଏକ ଦଶ ଅଧ୍ୟାୟ ବିଶିଷ୍ଟ ଗ୍ରନ୍ଥ । ବିଦ୍ୟାର୍ଥୀଗଣଙ୍କ ଗୋଚରାର୍ଥେ ଏଥିରେ କେବଳ ପ୍ରଥମ ଅଧ୍ୟାୟଟି ପ୍ରଦତ୍ତ ହେଲା । ଏହି ଏକକର ପ୍ରଶ୍ନୋତ୍ତର  କରିବା ପାଇଁ ସେମାନେ ସମ୍ପୂର୍ଣ୍ଣ ଗ୍ରନ୍ଥଟିକୁ ନିବିଷ୍ଟ ଚିତ୍ତରେ ପାଠ କରିବା ପାଇଁ ଅନୁରୋଧ ।

## ୩.୫ ହେତୁ ଉଦୟ ଭାଗବତ (ପାଠ)

### ପ୍ରଥମ ଅଧ୍ୟାୟ

ବନ୍ଦଇ ଶ୍ରୀଗୁରୁ ଚରଣ । ଗୁରୁ ଜୀବର ପରିତ୍ରାଣ ।।
ଗୁରୁଟି ଆପେ ବ୍ରହ୍ମରାଶି । କାଳ ସ୍ୱରୂପେ ତମ ଗ୍ରାସି ।।
ଶ୍ରୀଗୁରୁ ଆଦିଶକ୍ତି ହୋଇ । ଆଦି ଅନାଦି ନାମ ବହି ।।
ଅନାଦିଠାରୁ ଆଦି ହୋଇ । ଏଣୁ ତା ଆଦିଅନ୍ତ ନାହିଁ ।।
ଅନାଦି ପରମ ଈଶ୍ୱର । ଆଦି ଶକ୍ତିଟି କଳେବର ।।
ଦେଖ ଅନାଦି ଯୋଗଲୀଳା । ପରମ କାଳ ରୂପେ ଖେଳା ।।
ଅଘଟ ଘଟଣ ମୁରାରି । ଆଦି ଅନାଦି ରୂପେ ପୂରି ।।
ଏଣୁ ଅନାଦି ଈଶ୍ୱର ହିଁ । ଆଦି ଶକ୍ତିଟି ମହାମାୟୀ ।।
ଯେ ମହାମାୟୀ ଗୁରୁଦେବ । ସୁଜନେ ହେତୁ କରି ଭାବ ।।
ମହାମାୟାଟି ରାଧା ଅଙ୍ଗ । କୋଟି ଯୁଗରେ ନୁହେଁ ଭଙ୍ଗ ।।

ଶ୍ରୀରାଧାକୃଷ୍ଣ ବେନିଜନ । ଜୀବ ପରମରୂପେ ଜାଣ ।।
ଜୀବଟି ରାଧାଅଙ୍ଗ ହୋଇ । ପରମ କୃଷ୍ଣ ଅଙ୍ଗ ସେହି ।।
ପରମ ରୂପ ଗୁରୁଦେବ । ନାହିଁ ଯାହାର ପରାଭାବ ।।
ପରମ ପୁରୁଷ ଈଶ୍ୱର । ଖେଳୁଛି ସଂସାର ଭାଗର ।।
ସଂସାର ସାଗର ମଧ୍ୟର । ଗୁରୁ ସ୍ୱରୂପୀ କଣ୍ଡିଆର ।।
ନାମ ନାବରେ ଛନ୍ତି ବସି । କେ ଚିହ୍ନି ପାରଇ ଭରସି ।।
ସେ ନାବେ ବସି ହୁଅ ପାର । ଶବଦ କାତ କେରୁଆଳ ।।
ଏମନ୍ତ ରୂପେ ଗୁରୁଦେବ । ପାରି କରନ୍ତି ପଶୁ ଜୀବ ।।
ଗୁରୁଟି ଜୀବର ଜୀବନ । ଗୁରୁର ବିନୁ ନାହିଁ ଆନ ।।
ସୁଜନେ ଗୁରୁ ଆଶ୍ରେ କର । ଭବ କୂପରୁ ହୁଅ ପାର ।।
ଏମନ୍ତ ଗୁରୁଙ୍କ ମହିମା । ଜାଣି ନଜାଣେ ହରବ୍ରହ୍ମା ।।
ମୋର ଛାର ମନୁଷ୍ୟ ଶରୀର । ମୁଁ କାହୁଁ କରିବି ଗୋଚର ।।
ମହିମା ସାଗର ଅଟଇ । ସାଗର ସମୁଦ୍ରକୁ କହି ।।
ଚୌରାଶୀ କାଠି ଯା ଗଭୀର । ଏଥି ଖୋଜଇ ନାମ ସାର ।।
ଯେମନ୍ତେ ଯେକ ଦିନକର । ନିଶାରେ ସାଗର ମଧ୍ୟର ।।
ନାମେ ବୁଡ଼ିଲି ତହିଁ ମୁହିଁ । ଦେଖିଲି ଥଳକୂଳ ନାହିଁ ।।
ଏମନ୍ତେ ମିଳିଲଇଁ ମୁହିଁ । ଦେଖିଲି ଏକ ଦ୍ୱୀପେ ତହିଁ ।।
ଦିବ୍ୟ ଶରୀର ପରିମଳ । ଦିଶଇ ଚନ୍ଦ୍ରରୁ ଉଜ୍ଜ୍ୱଳ ।।
ସେ ସ୍ଥଳେ ମୁହିଁ ହେଲି ଯାଇଁ । ଦେଖିଲି ଶ୍ରୀଗୁରୁଙ୍କୁ ତହିଁ ।।
ସାଷ୍ଟାଙ୍ଗେ ଦଣ୍ଡବତ ହୋଇ । ଅନେକ କାର୍ପଣ୍ୟେ ଜଣାଇଁ ।।
ଶୁଣିବା ହେବେ ଗୁରୁଦେବ । ମୁଁ ହୀନ ଅଟେ ପଶୁଜୀବ ।।
ପଶୁ ଜୀବନ ପରିତ୍ରାଣ । ଯେଣୁ ଶ୍ରୀଗୁରୁ ଦରଶନ ।
ଏମନ୍ତ ବୋଲିଣ ବୋଇଲି । ଶ୍ରୀଗୁରୁ ଚରଣେ ପଡ଼ିଲି ।
ଅନେକ ଶୋକଭର ହୋଇ । ନୟନୁଁ ଲୋତକ ଗଳଇ ।।
ଶୋକସନ୍ତାପ ଜଳେ ବୁଡ଼ି । ଶ୍ରୀଗୁରୁ ପାଦପେଦ୍ମ ପଡ଼ି ।।
ମୋହର ଦେଖି ଅଚେତନ । ତୋଳି ଧରିଲେ ଶ୍ରୀକରେଣ ।।
ସଚେତ କରି ବସାଇଲେ । ଶ୍ରୀମୁଖେ ଆଜ୍ଞା ମୋତେ ଦେଲେ ।।
ବୋଇଲେ ବାବୁ ଶୁଣ ତୁହି । ଏସ୍ଥାନେ ଅଇଲୁ କିମ୍ପାଇଁ ।।
ସୁର ଅସୁର ଗମ୍ୟ ନାହିଁ । ମନୁଷ୍ୟ ଦେହେ ଭେଦ ନାହିଁ ।

| | |
|---|---|
| ଯେବେ ଅଇଲୁ ବାବୁ ତୁହି । | ସୁଜ୍ଞାନ ଚିତ୍ତେ ମନ ଦେଇ ।। |
| ଯେମନ୍ତେ ବୋଲିଣ ବୋଇଲେ । | ଶ୍ରୀକରେ ମୋ କର ଧଇଲେ ।। |
| ବୋଇଲେ ଆସ ବାବୁ ତୁହି । | ଏ ସ୍ଥଳ ଆୟତ୍ତ ନୁହଇ ।। |
| ଦେଖାଇ ଆପଣ ବୋଲନ୍ତି । | ବ୍ରହ୍ମା ଯା ବର୍ଣ୍ଣି ନ ପାରନ୍ତି ।। |
| ଦ୍ୱୀପର ନାମ ଧବଳାଙ୍ଗ । | କୋଟିୟେ ଯୁଗେ ନୁହେଁ ଭଙ୍ଗ ।। |
| ସାଗର ଘୋଟି ଅଛି ରହି । | ସପତ ଦ୍ୱୀପୁଁ ଶ୍ରେଷ୍ଠ ହୋଇ ।। |
| କିସ କହିବା ତହିଁ ଗୁଣ । | ଇନ୍ଦ୍ର ସମ୍ପତ୍ତି ତୁଚ୍ଛ ମଣ ।। |
| ବ୍ରହ୍ମା ସମ୍ପତ୍ତି ନୁହେଁ ସରି । | କୋଟିଏ ଶଙ୍କର ଗଉରୀ ।। |
| ଧବଳ ମଣ୍ଡପ ତହିଁରେ । | ହୀରା ଯେ ନୀଳା ମୋତି ସାରେ ।। |
| ଅଟେ ଯେ ରତ୍ନ ବଇଦୁର୍ଯ୍ୟ । | ଖଞ୍ଜିକି ଅଛି ପଦ୍ମରାଜ ।। |
| ହେମ ମୁକୁତା ସ୍ତମ୍ଭ ହୋଇ । | ପ୍ରବାଳ ଖଞ୍ଜିଅଛି ନେଇ ।। |
| କିଏ ସୁବର୍ଣ୍ଣ କେରା କେରା । | ଲାଗିଛି ଦର୍ପଣର ଝରା ।। |
| ମଣିମଣ୍ଡପ ଶୋଭାପାଏ । | ରସାଣ ସୁବର୍ଣ୍ଣ ପରାଏ ।। |
| ନାମ ଯେ ରତ୍ନମଣି ମାନେ । | ଝଟକୁ ଅଛନ୍ତି ସୁବର୍ଣ୍ଣେ ।। |
| ଶ୍ୱେତ ଯେ ମଣି ଶୀତ ମଣି । | ରଙ୍ଗ ହରିତ ପୀତ ପୁଣି ।। |
| ଏମନ୍ତ ମଣିମାନେ ତହିଁ । | ଝଲକ ଦିଶି ନ ଦିଶଇ ।। |
| କିୟେ ବ୍ରହ୍ମାଣ୍ଡମାନେ ତହିଁ । | ବିଧାତା ଖଞ୍ଜି ଅଛି ନେଇ ।। |
| ଦେଖିଲି ଅତ୍ୟନ୍ତ ଶୋଭନ । | ସେପୁର ହୋଇଛି ନିର୍ମାଣ ।। |
| କାମିନୀଗଣେ ଶୋଭା ପାଇ । | ପୁରୁଷ ଲେଶ ତହିଁ ନାହିଁ ।। |
| ଚନ୍ଦନ ପୁଷ୍ପ ଆସୋଦର । | ଭ୍ରମରମାନେ କୋଳାହଳ ।। |
| ସମସ୍ତେ ବାରଙ୍ଗନା ରୂପ । | ନବୀନ ସୁନ୍ଦର ସ୍ୱରୂପ ।। |
| ଏମନ୍ତେ ଏକୁଁ ଏକ ଜିଣି । | ନବୀନ ସୁନ୍ଦର ତରୁଣୀ ।। |
| ଅପୂର୍ବ ବେଶ ଶୋଭା ପାଇ । | ନୟନ ଗୋଚର ସେ ନୋହି ।। |
| ବିଚିତ୍ର ବେଶ ମନୋହାରୀ । | ଦେଖି କେ ଚିତ୍ତ ଧରି ପାରି ।। |
| ଏମନ୍ତ ଦେଖି ମୋହମାନ । | ନାହିଁ ମୋହର ଦେହେ ଜ୍ଞାନ ।। |
| ମୋହର ଦେଖି ଅଚେତନ । | ଶ୍ରୀଗୁରୁ ହୋଇଲେ ପ୍ରସନ୍ନ ।। |
| ପ୍ରସନ୍ନ ହୋଇ ଆଜ୍ଞା ଦେଲେ । | ଅଜ୍ଞାନ ତିମିର ନାଶିଲେ । |
| ଦେଖାଇ ଚର୍ମ ନୟନର । | ମୋ ଶିରେ ଲଗାଇଣ କର ।। |
| ଶ୍ରୀଗୁରୁ କହନ୍ତି ମଧୁର । | ସୁମନେ ଶୁଣ ମୋ ଉତ୍ତର ।। |

ବେଳହୁଁ ଗୋବିନ୍ଦ ସୁମର । ତୋ ପଛେ ଗୋଡ଼ାଇଛି କାଳ ।।
ସେ କାଳ ଘଉଡ଼ିଣ ତୁହି । ସତ ଶାନ୍ତିରେ ରଖ ଦେହୀ ।।
ଭୂଲତା ମଧ୍ୟେ ହେତୁ ରଖ । ସକଳ କଲ୍ମଷ ଉପେଖ ।।
ଅମନ ସଙ୍ଗେ ମନ ଦେଇ । ନିଗମ ଭେଦ କର ତହିଁ ।।
ଶ୍ରୀଗୁରୁ ପାଦେ ଚିତ୍ତ ଥିଲେ । ଏ ସ୍ଥଳ ଲଭଇ ସେ ଭଲେ ।।
ଏମନ୍ତ କହି ଗଲେ କାହିଁ । ମୋ ପାଖେ ଆଉ କେହି ନାହିଁ ।।
ଚେତା ଯେ ହୋଇଲା ମୋହର । ଚିନ୍ତିଲି ଶ୍ରୀଗୁରୁ ପୟର ।।
ସେ ପାଦପଦ୍ମେ କରି ଆଶ । ଯେ ନର ପିଅଇ ପୀୟୁଷ ।।
ତାହାର ଦୁଷ୍କୃତମାନ । ତକ୍ଷଣେ ହୁଅଇ ଦହନ ।।
ଯେ ଜନ ସର୍ବସାରଗ୍ରାହୀ । ତା ଅଙ୍ଗେ ପାପ ଥିବ କାହିଁ ।।
ଏମନ୍ତ ଜନେ ମୁଁ ଶରଣ । ମାଗି ରହିବି ଅନୁକ୍ଷଣ ।।
ଏ ବିନୁ ଆନ ଗତି ନୋହୁ । ହେ ସାଧୁ ସନ୍ଥ କୃପା ହେଉ ।।
ହେତୁ ଉଦୟେ ଭାଗବତ । ନବ ଅକ୍ଷରେ ପରାକୃତ ।।
ଶ୍ରୀଗୁରୁ ଚରଣ ଅମୃତ । ପିଇଣ ନରେ ହୁଅ ରତ ।।
ଏହି ରତରେ ଦିନକାଳ । ହରି ରହିବ ପାଦତଳ ।।
ଅଭୟ ନାମ ପାଦପଦ୍ମ । ଚିନ୍ତିଲେ ନ ଲାଗେ ପ୍ରମାଦ ।।
ଏ ପାଦପଦ୍ମେ କରି ଆଶ । ପାମର ଅନନ୍ତ ପ୍ରକାଶ ।।

ଇତି ଶ୍ରୀମଦ୍‌ଭାଗବତେ ହେତୁ ଉଦୟେ ଶ୍ରୀଗୁରୁପ୍ରସନ୍ନେ ନାମ ପ୍ରଥମୋଽଧ୍ୟାୟଃ ।

## ୩.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ହେତୁ ଉଦୟ ଭାଗବତରୁ ତୁମକୁ କି ଶିକ୍ଷା ମିଳେ ? ଉଦାହରଣସହ ବୁଝାଇ ଦିଅ ।

(୨) ଉତ୍କଳୀୟ ଜ୍ଞାନ ମିଶ୍ରା ଭକ୍ତି ସାଧନାର ଏକ ତତ୍ତ୍ୱ ଗ୍ରନ୍ଥ ଭାବେ ହେତୁ ଉଦୟ ଭାଗବତର ମୂଲ୍ୟାୟନ କର ।

(୩) ଶିଶୁ ସମ୍ପ୍ରଦାୟର ପ୍ରତିଷ୍ଠାତା ଶିଶୁ ଅନନ୍ତ ହେତୁ ଉଦୟ ଭାଗବତରେ ଗୁରୁବାଦ ଉପରେ ଯେଉଁ ଚର୍ଚ୍ଚା କରିଅଛନ୍ତି ସଦୃଷ୍ଟାନ୍ତ ଆଲୋଚନା କର ।

(୪) ଜ୍ଞାନ ମିଶ୍ରା ଭକ୍ତି ପିଣ୍ଡବ୍ରହ୍ମାଣ୍ଡବାଦ ସମ୍ପର୍କରେ ପଠିତ ଗ୍ରନ୍ଥ ଆଧାରରେ ଆଲୋଚନା କର ।

(୫) ହେତୁ ଉଦୟ ଭାଗବତ ଗ୍ରନ୍ଥର ନାମକରଣର ସାର୍ଥକତା ପ୍ରତିପାଦନ କର ।

## ୩.୭ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ - ତୃତୀୟ ଭାଗ ଦେବେନ୍ଦ୍ର ମହାନ୍ତି - ବିଦ୍ୟାପୁରୀ-କଟକ।
- ଓଡ଼ିଆ ନିର୍ଗୁଣ ସାହିତ୍ୟ ପରମ୍ପରା- ଡକଟର ନଗେନ୍ଦ୍ର ନାଥ ପ୍ରଧାନ- ଓଡ଼ିଶା ଟେକ୍ସଟ୍ ବୁକ୍ ବ୍ୟୁରୋ- ଭୁବନେଶ୍ୱର।
- ହେତୁ ଉଦୟ ଭାଗବତ- ସମ୍ପାଦନା- ଡକ୍ଟର ନଗେନ୍ଦ୍ର ନାଥ ପ୍ରଧାନ- ସିଦ୍ଧବାରଙ୍ଗ ଉନ୍ନୟନ କମିଟି - ପୂର୍ଣ୍ଣଗ୍ରାମ - ଜଗତସିଂହପୁର।
- ଶିଶୁ ଅନନ୍ତ ଦାସ- ତମସାରାଣୀ ଦାସମହାପାତ୍ର- ଭୁବନେଶ୍ୱର।
- ଶିଶୁ ଅନନ୍ତ ରଚନାବଳୀ- ସମ୍ପାଦନା-ତମସା ଦାସମହାପାତ୍ର- ଅଚ୍ୟୁତବାଣୀ ପ୍ରକାଶକ- କଟକ।

# ଚତୁର୍ଥ ଏକକ : ମାଧବୀ ଦାସୀ

**ବିଷୟ ଗଠନ :**


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ମାଧବୀ ଦାସୀ

୪.୫ ମାଧବୀ ଦାସୀଙ୍କ 'ଜଗୁ ଜୀବନ ଶ୍ରୀହରି'

୪.୬ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୪.୭ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

(୧) ଏହି ଏକକଟି ପାଠ କରିବା ଦ୍ୱାରା ବିଦ୍ୟାର୍ଥୀଗଣ ପ୍ରାଚୀନ ଓ ଓଡ଼ିଆ ସାହିତ୍ୟର ପ୍ରଥମ ନାରୀ କବିଙ୍କ ବିଷୟରେ ଜାଣି ପାରିବେ।

(୨) ମାଧବୀ ଦାସୀ ଶ୍ରୀଚୈତନ୍ୟଙ୍କ ସମସାମୟିକ ଓ ତାଙ୍କର ଜଣେ ପାର୍ଷଦ ଥିଲେ।

(୩) ଚୈତନ୍ୟ ପ୍ରେମଭକ୍ତି ସାଧନା କରୁଥିବାରୁ ନାରୀମାନଙ୍କ ମୁଖଦର୍ଶନ କରୁନଥିଲେ। କିନ୍ତୁ ମାଧବୀଙ୍କ ଭକ୍ତି ଓ ନିଷ୍ଠା ତାଙ୍କୁ ଚୈତନ୍ୟ ନିକଟତର କରିପାରିଥିଲା।

(୪) ମାଧବୀଙ୍କ ରଚିତ ଗୋଟିଏ ଭକ୍ତି ଗୀତିକା ସଂପ୍ରତି ଉପଲବ୍ଧ। ବିଦ୍ୟାର୍ଥୀଗଣ ସେଇ କବିତାଟିର ବିଶେଷ ଆଲୋଚନା କରିପାରିବେ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ପ୍ରସଙ୍ଗଟି ଅଧ୍ୟୟନ କରିବା ଫଳରେ ବିଦ୍ୟାର୍ଥୀମାନେ ପଞ୍ଚଦଶ- ଷୋଡ଼ଶ ଶତାବ୍ଦୀର ଓଡ଼ିଶାର ସାମାଜିକ, ରାଜନୀତିକ ଓ ଆଧ୍ୟାତ୍ମିକ ପରିବେଶ ସମ୍ପର୍କରେ ଅବହିତ ହୋଇପାରିବେ। ଚୈତନ୍ୟଙ୍କ ଧର୍ମ ପ୍ରଚାର, ପୁରୀର ପଣ୍ଡିତମାନଙ୍କ ସହ ତାଙ୍କର ଆଲୋଚନା, ବାସୁଦେବ ସାର୍ବଭୌମଙ୍କ ପରାମର୍ଶକ୍ରମେ ଦାକ୍ଷିଣାତ୍ୟ ଗମନ, ରାୟ ରାମାନନ୍ଦ ପଟ୍ଟନାୟକଙ୍କ ସହ ସାକ୍ଷାତ, ତାଙ୍କ ସହ ଆଲୋଚନା ଦାକ୍ଷିଣାତ୍ୟ ଭ୍ରମଣ ଓ ପୁରୀ ଫେରିଆସି ପ୍ରେମଧର୍ମର ସାଧନା ଓ ଉପଲବ୍ଧି ତଥା ରାଜା ଗଜପତି ପ୍ରତାପରୁଦ୍ରଙ୍କୁ ଦୀକ୍ଷାଦାନ ଆଦି ପ୍ରସଙ୍ଗ ଏହି ପରିପ୍ରେକ୍ଷୀରେ ଆଲୋଚନା କରାଯିବ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ପ୍ରାଚୀନ ଓଡ଼ିଆ କବିତାର ସ୍ୱରୂପ ଅବଗତ ହେବା ସହିତ ସେ ସମୟର ଧର୍ମ, ରାଜନୀତି, ଇତିହାସ ଓ ସଂସ୍କୃତିର ପରିଚୟ ମଧ୍ୟ ପାଇପାରିବେ।

## ୪.୩ ବିଷୟ ପ୍ରବେଶ

ମାଧବୀ ଦାସୀ ଶ୍ରୀଚୈତନ୍ୟଙ୍କର ଜଣେ ପରିଚର ଥିଲେ। ଚୈତନ୍ୟଙ୍କର ଏପରି ଅଗଣିତ ଶିଷ୍ୟଙ୍କ ମଧ୍ୟରୁ ଚାରିଜଣ ଖୁବ୍ ପ୍ରଭାବଶାଳୀ ଥିଲେ। ସେମାନେ ହେଲେ ସ୍ୱରୂପଦାମୋଦର, ରାୟରାମାନନ୍ଦ, ଶିଖି ମହାନ୍ତି ଓ ତାଙ୍କ ଭଉଣୀ ମାଧବୀ ଦାସୀ। ହେଲେ ମାଧବୀ ଦାସୀ ନାରୀଥିବାରୁ ସେ ସମୟର ଗ୍ରନ୍ଥକାରମାନେ ତାଙ୍କୁ ଜଣେ ଭକ୍ତ ଭାବରେ ଗଣନା ନକରି ଅଧେଜଣ ବୋଲି କହିଛନ୍ତି। ଚୈତନ୍ୟ ଚରିତାମୃତ ଭାଷାରେ-

"ପ୍ରଭୁ ଲେଖା କରେ ଯାରେ ରାଧିକା ରମଣ<br>
ଜଗତେରମଧ୍ୟେ ପାତ୍ର ସାଢେ ତିନି ଜଣ।<br>
ସ୍ୱରୂପ ଗୋସାଇଁ ଆର ରାୟରାମାନନ୍ଦ<br>
ଶିଖି ମହାନ୍ତି ତିନି ତା'ର ଭଗିନୀ ଅର୍ଦ୍ଧେକ।

ଚୈତନ୍ୟ ଚରିତାମୃତ ମାଧବୀ ଦାସୀଙ୍କର ଚରିତ୍ରର କେତେକ ନକାରାତ୍ମକ ଦିଗ ବିଷୟରେ ଆଲୋଚନା କରିଛନ୍ତି। କିନ୍ତୁ ଏହାର କିଛି ପ୍ରମାଣ ମିଳେ ନାହିଁ। ମାଧବୀ ସେ ସମୟର ଜଣେ ଖୁବ୍ ବିଦୁଷୀ ରମଣୀ ଥିଲେ। ତାଙ୍କ ଭାଇ ଶିଖି ମହାନ୍ତି ଗଜପତି ପ୍ରତାପରୁଦ୍ରଙ୍କ ପ୍ରଶାସନରେ ଜଣେ ମନ୍ଦିର କର୍ମଚାରୀ ଥିଲେ। ମାଧବୀ ଅଳ୍ପ ବୟସରୁ ବିଧବା ହୋଇଯାଇଥିଲେ। କିନ୍ତୁ ଜଗନ୍ନାଥଙ୍କ ମନ୍ଦିରରେ ଚୈତନ୍ୟଙ୍କ ଗୋଷ୍ଠୀରେ ରହି ନିଖୁଣ ଭାବେ ଭକ୍ତିସାଧନା କରୁଥିଲେ। ତାଙ୍କ ଭକ୍ତିରେ ମୁଗ୍ଧ ହୋଇ ଚୈତନ୍ୟ ତାଙ୍କୁ ପରିକରମାନଙ୍କ ମଧ୍ୟରେ ରହିବାକୁ ଆଦେଶ ଦେଇଥିଲେ। ସେ ବଙ୍ଗଳା, ସଂସ୍କୃତ, ବ୍ରଜ ବୋଲି ଏବଂ ଓଡ଼ିଆ ଭାଷାରେ ଅନେକ ଭଜନ ଜଣାଣ ରଚନା କରିଥିଲେ କିନ୍ତୁ କାଳର ପ୍ରଭାବରେ ସେସବୁ ଉପଲବ୍ଧ ହୁଏନାହିଁ। ଅଦ୍ୟାବଧି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ତାଙ୍କର ଗୋଟିଏ ମାତ୍ର ଗୀତିକା ଉପଲବ୍ଧ ହୁଏ। ବିଦ୍ୟାର୍ଥୀମାନଙ୍କର ସୁବିଧା ଦୃଷ୍ଟିରୁ ସେଇ ଗୋଟିଏ କବିତାର ଆଲୋଚନା ଏଠାରେ ପ୍ରଦତ୍ତ ହେଲା।

## ୪.୪ ମାଧବୀ ଦାସୀ

ବୈଷ୍ଣବ ଭକ୍ତି ଧର୍ମ ଭକ୍ତର ସବୁଠାରୁ ବଡ଼ ଲକ୍ଷଣ ହେଲା ଆକୁଳତା। ଭଗବାନଙ୍କୁ ବ୍ୟାକୁଳ ଭାବେ ପ୍ରାର୍ଥନା କଲେ ସେ ଶୁଣନ୍ତି। ଭକ୍ତକୁ ବିପଦରୁ ରକ୍ଷା କରିବା ପାଇଁ ବୈକୁଣ୍ଠପୁର ଛାଡ଼ି ମର୍ତ୍ତ୍ୟକୁ ଆସିଯାଆନ୍ତି। ମାଧବୀ ଅତି କାତର କଣ୍ଠରେ ତାଙ୍କର ପ୍ରିୟତମ ଇଷ୍ଟ ଦେବତା ନୀଳାଦ୍ରି ନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଅଛନ୍ତି। ହେ ପ୍ରଭୁ ! ମୋର କାତର ପ୍ରାର୍ଥନା ଆପଣ ଶୁଣନ୍ତୁ। ଆପଣ ଅତୀତରେ କେତେ ଭକ୍ତଙ୍କୁ ରକ୍ଷା କରିଛନ୍ତି। ଏବେ କ'ଣ ମୁଁ ଗୋଟି ଗୋଟି କରି ତା'ର ପ୍ରମାଣ ଦେ ! ପାଷାଣୀ ଅହଲ୍ୟାକୁ ତୁମେ ମୁକ୍ତି ପ୍ରଦାନ କରିଛ। ତା'ର ସତୀତ୍ୱ ହୀନତାର କାଳିମା ଧୋଇ ଦେଇଛ। ପୁଣି କୁରୁ ରାଜସଭାରେ ଦୁଷ୍ଟ ଦୁଃଶାସନ ଦ୍ରୌପଦୀ ମା'ଙ୍କ ବିବସନା କରୁଥିବେଳେ ତୁମେ ତ ତାକୁ କୋଟି ବସ୍ତ୍ର ପ୍ରଦାନ କରି ତା'ର ଲଜ୍ଜା ନିବାରଣ କରିଛ। ଏମାନେ ତ ସାଧାରଣ ମାନବୀ। କିନ୍ତୁ ହରିଣୀ। ସାମାନ୍ୟ ପଶୁଟିଏ। ଦୁଃଖରେ କାତର ହୋଇ ଲୁହ ଛଳ ଛଳ ଆଖିରେ ସେ

ଯେତେବେଳେ ବିକଳ ହୋଇ ତୁମକୁ ପ୍ରାର୍ଥନା କଲା ତୁମେ ତାକୁ ରକ୍ଷା କରିବା ପାଇଁ ପବନ-ବର୍ଷାଙ୍କୁ ପଠାଇଲ। ବାଣୁଆକୁ ସର୍ପ ଦଂଶନ କଲା। ଜାଲ ଛିଡ଼ିଗଲା, ନିଆଁ ଲିଭିଗଲା, କୁକୁରମାନେ ପ୍ରାଣ ଭୟରେ ପଳାଇଗଲେ। ହରିଣୀ ବିପଦମୁକ୍ତ ହେଇ ତୁମକୁ ଖାଲି ପ୍ରାର୍ଥନା କରୁଥାଏ।

ଖାଲି ସେତିକି ନୁହେଁ ବଣର ଶବରୀ ଖଟା ମିଠା ପରଖିବା ପାଇଁ ନିଜେ ଅଇଁଠା କରି ତୁମକୁ ମିଠାଫଳ ଗୁଡ଼ିକୁ ଖାଇବାକୁ ଦେଲା। ତା' ଭାବ ଓ ନିଷ୍ଠାରେ ମୁଗ୍ଧ ହୋଇ ତୁମେ ତାକୁ ଦିବ୍ୟଗତି ପ୍ରଦାନ କଲ। ମୀରା, କରମା, ଜୀବନ୍ତୀ, ପିଙ୍ଗଳା ଏପରି କେତେ ଭକ୍ତ ଅଛନ୍ତି। ସମସ୍ତେ ତୁମକୁ ଭକ୍ତି ଭାବରେ ବଶ କରିଛନ୍ତି। ତୁମର କୀର୍ତ୍ତି ପତାକା ଉଡ଼ାଇଛନ୍ତି। ମୁଁ ଜଣେ ତୁମର ନିର୍ମାଖୀ ସେବକୀ। ମୁଁ ତୁମର ଭକ୍ତ ହେବାକୁ ଯୋଗ୍ୟା ନୁହେଁ। ହେ ପ୍ରଭୁ! ମୁଁ ଅତି ବ୍ୟାକୁଳ ଭାବରେ ଆପଣଙ୍କୁ ପ୍ରାର୍ଥନା କରୁଛି; ମୋ ଗୁହାରୀ ଥରେ ଶୁଣ।

କବି ମାଧବୀ ଜଣେ ମହିଳା ଭକ୍ତ ଥିଲେ। ସେ ମଧ୍ୟ ଥିଲେ ଓଡ଼ିଆ ସାହିତ୍ୟର ପ୍ରଥମ ନାରୀକବି। ଆଧୁନିକ ବାମାବାଦୀ ଆଲୋଚିକାମାନେ କହନ୍ତି, ସେମାନଙ୍କ ସମ୍ପର୍କରେ ପୁରୁଷମାନେ ଯାହା କହିବେ ତାହା ଠିକ୍ ହେବ ନାହିଁ। ଷୋଡ଼ଶ ଶତାବ୍ଦୀର ଜଣେ ନାରୀକବିଙ୍କୁ ଦେଖନ୍ତୁ। ଆପଣାର ରଚନାରେ ସେ କେବେ କୌଣସି ପୁରୁଷ ଭକ୍ତ କଥା କହି ନାହାନ୍ତି। ଧ୍ରୁବ, ପ୍ରହଲ୍ଲାଦ, ଜାରାଶବର, ହନୁମାନ, ପାଣ୍ଡବଗଣ ଏପରି କେତେ ଭକ୍ତ ଅଛନ୍ତି କିନ୍ତୁ କବି ଏଠାରେ କେବଳ ନାରୀ ଭକ୍ତଗଣଙ୍କ କଥା ହିଁ କହିଚନ୍ତି। ଜଣେ ନାରୀ ଭାବରେ ନାରୀମାନଙ୍କର ଅନ୍ତର୍ବେଦନାକୁ ଠିକ୍ ଭାବରେ ହୃଦୟଙ୍ଗମ କରିପାରିଛନ୍ତି। ସେଥିପାଇଁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି, ତାଙ୍କୁ ଶୀଘ୍ର ମୁକ୍ତି ପ୍ରଦାନ କରିଦେବା ଲାଗି। ଏଠାରେ କବିଙ୍କ ବ୍ୟାକୁଳତା, ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି ନିଷ୍ଠା ସହିତ ଜଣେ ନାରୀ ଭାବରେ ନାରୀମାନଙ୍କର ଉଦ୍ଧାରଣ ସମ୍ପର୍କୀୟ ଜ୍ଞାନର ପରିଚୟ ମିଳିଥାଏ। ଓଡ଼ିଆ ଭକ୍ତିସଙ୍ଗୀତ କ୍ଷେତ୍ରରେ ଏହି ଗୀତିକାଟିର ସ୍ଥାନ ଅନନ୍ୟ।

## ୪.୫ ମାଧବୀ ଦାସୀଙ୍କ 'ଜଗୁ ଜୀବନ ଶ୍ରୀହରି'

ଚକାନୟନ ହୋ! ଜଗୁ ଜୀବନ ଶ୍ରୀହରି
କାତରେ ଜଣାଣ କରୁଛି ଛାମୁରେ
ଶୁଣ ପ୍ରଭୁ ଶ୍ରୁତି ଡେରି।
କେତେ ସଙ୍କଟୁ କାହାକୁ ରଖି ନାହଁ
ଦୟାଳୁ ସାରଙ୍ଗ ଧାରୀ!
ତା ବର୍ଣ୍ଣ ବସିଲେ ପୋଥିକର ପାଠ
କି ବର୍ଣ୍ଣିବ ଏ ପାମରୀ।୧।
ଅହଲ୍ୟା ତାରଣ ଦ୍ରୌପଦୀ କଷଣ
ହେଳେ ଦେଇଛ ନିବାରି।

ମୃଗୁଣୀ ଆରତ ଜାଣି ଜଗନ୍ନାଥ
 ବିପଦୁ ଦେଲ ଉଦ୍ଧାରି ।୨ ।
ଶବରୀକି ଦିବ୍ୟଗତି ଯାଚି ଦେଲ
 ତା ଉଚ୍ଛିଷ୍ଟ ଭକ୍ଷିକରି
ମୀରା, କରମାଙ୍କ ଭାବେ ହୋଇ ରଙ୍କ
 ସ୍ଥାନ ଦେଲ ବ୍ରଜପୁରୀ ।
ଜୀବନ୍ତି, ପିଙ୍ଗଳା ଆଦି ବାରବାଳା
 ସଂସାରୁ ଗଲେ ନିସ୍ତରି ।
ଅପାର ମହିମା କେତନ ଉଡ଼ାଇ
 ରଖିଛ କୀରତୀ ଶିରୀ ।
ମୁଁ ଛାର ନିର୍ମାଖୀ ତୁମ୍ଭର ସେବକୀ-
 ପଣକୁ ଅଯୋଗ୍ୟା ନାରୀ ।
କରୁଛି ଦଇନି ଯୋଡ଼ି କର ବେନି
 ଶୁଣ ମାଧବୀ ଗୁହାରୀ ।"

**ଶବ୍ଦାର୍ଥ**

ଜଗୁ - ଜଗତ
କାତରେ - ଭୟରେ
ଛାମୁରେ - ନିକଟରେ
ଶ୍ରୁତି - ଶ୍ରବଣ/କାନ
ସଙ୍କଟୁ - ବିପଦରୁ
ସାରଙ୍ଗ - ଚନ୍ଦ୍ର / ପଦ୍ମ
କଷଣ - ଦୁଃଖ
ହେଳେ - ଅଳ୍ପ ସମୟ ମଧ୍ୟରେ
ନିବାରି - ନିବାରଣ କରି
ଦିବ୍ୟଗତି - ସ୍ୱର୍ଗପ୍ରାପ୍ତି
ଉଚ୍ଛିଷ୍ଟ - ଅଇଁଠା

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ଓଡ଼ିଆ ଭକ୍ତିଗୀତିକା ପରିପ୍ରେକ୍ଷୀରେ ମାଧବୀ ଦାସୀ ଜଗୁଜୀବନ ଶ୍ରୀହରି କବିତାର ମୂଲ୍ୟାୟନ କର ।

(୨) ଓଡ଼ିଆ ସାହିତ୍ୟର ପ୍ରଥମ ନାରୀକବି ଭାବେ ମାଧବୀ ଦାସୀଙ୍କ କବି ପ୍ରତିଭାର ଆକଳନ କର ।

(୩) ବୈଷ୍ଣବ ସାଧନ ଗୀତିକା ଭାବରେ 'ଜଗୁଜୀବନ ଶ୍ରୀହରି' କବିତାର ମୂଲ୍ୟ ନିରୂପଣ କର।

(୪) ପରିପୂର୍ଣ୍ଣ ସମର୍ପଣ ହିଁ ଭକ୍ତକୁ ଭଗବାନଙ୍କର ନିକଟତର କରିଥାଏ। ପଠିତ କବିତା ଆଧାରରେ ଏହି ଯୁକ୍ତିର ଯଥାର୍ଥତା ପ୍ରତିପାଦନ କର।

(୫) ନାରୀ ଭକ୍ତମାନଙ୍କର ପ୍ରଥମ ରୂପକାର ଭାବରେ ମାଧବୀ ଦାସୀଙ୍କ 'ଜଗୁଜୀବନ ଶ୍ରୀହରି' କବିତାର ମୂଲ୍ୟ ବିଚାର କର।

## ୪.୭ ସହାୟକ ଗ୍ରନ୍ଥସୂଚୀ


- ପ୍ରାଚୀନ ଓଡ଼ିଆ ଗୀତିକାବ୍ୟ - ଜାନକୀ ବଲ୍ଲଭ ମହାନ୍ତି।
- ବୈଷ୍ଣବ ସାହିତ୍ୟ ତତ୍ତ୍ୱ - ଶୁଦ୍ଧାଭକ୍ତି- ଆଶୁତୋଷ ପଟ୍ଟନାୟକ।
- ଓଡ଼ିଆ ସାହିତ୍ୟର ଇତିହାସ - ସୁରେନ୍ଦ୍ର କୁମାର ମହାରଣା।
- ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ - ସୁରେନ୍ଦ୍ର ମହାନ୍ତି।
- ପୂର୍ଣ୍ଣଚନ୍ଦ୍ର ଭାଷାକୋଷ - ପଞ୍ଚମଖଣ୍ଡ।
- ବୈଷ୍ଣବ ଲୀଳାମୃତ - ମାଧବ ପଟ୍ଟନାୟକ - ସମ୍ପାଦନା - ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ।


❒❒❒